**ବିଦ୍ୟୁତ୍ ଆଘାତରେ ଠିକା କର୍ମଚାରୀ ମୃତ**

ପୁରୀ ( ଅଜିତ୍ କୁମାର ମହାନ୍ତି)- କୁମ୍ଭାରପଡ଼ା ଥାନା ଅଧୀନ ସର୍ବୋଦୟନଗର ଗୁରୁବିହାରଠାରେ ଥିବା ଏକ ଟେଲିଫୋନ ଟାୱାରରେ ଠିକା କର୍ମଚାରୀ କାମ କରୁଥିବାବେଳେ ବିଦ୍ୟୁତ୍ ଆଘାତରେ ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବସଷ୍ଟାଣ୍ଡ ନିକଟ ରଘୁପତି ନଗରର ଶୁଭେନ୍ଦୁ କୁମାର ମିଶ୍ର (୪୩)। ଶୁଭେନ୍ଦୁ ଏକ ଘରୋଇ ଠିକା କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରନ୍ତି। ସୋମବାର ସକାଳେ ସେ ଟାୱାରରେ କାମ କରୁଥିବାବେଳେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ମେଡିକାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୧୨।୨୦୨୪

| | |
|---|---|
| ୬,୬୬,୨୮୮ ଟଙ୍କା | |
| ସୁନା | ୨ ଗ୍ରାମ୍ |
| ରୁପା | ୧୯୨.୧୦୦ ଗ୍ରାମ୍ |

# ଚାଷୀଙ୍କ ଦୁଃଖ ଶୁଣିଲେ ଉପମୁଖ୍ୟମନ୍ତ୍ରୀ

### ଗଜା ହୋଇଯାଇଥିବା ପାଚିଲା ଧାନ ଦେଖିଲେ

**ଗୋପ,୩୦।୧୨(ଭାରତୀ ଭୂଷଣ ଉପାଧ୍ୟାୟ)**

ଅଦିନିଆ ବର୍ଷା ସବୁକିଛି ସୁଖ ଛଡ଼ାଇ ନେଇଥିବା ବେଳେ ଏବେ କେବଳ ଧାର କରଜକରି ଧାନ ଫସଲ କରିଥିବା ଚାଷୀ କିପରି ଋଣ ପରିଶୋଧ କରିବେ ସେ ନେଇ ଚିନ୍ତାରେ ଥିବା ଜଣାପଡ଼ିଛି। ଏପରି ଏକ ବିପତ୍ତି ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ପୂର୍ବାହ୍ନରେ ଗୋପ ବ୍ଲକ୍ ଅନ୍ତର୍ଗତ ଅଣ୍ଡରା-ଇଚ୍ଛାପୁର, ଡଭାର, ରାହାଙ୍ଗୋରଡ଼ା ପଞ୍ଚାୟତରେ ପହଞ୍ଚି ଦୀର୍ଘ ୪ ଘଣ୍ଟା କାଳ ଚାଷୀଙ୍କ ସହ ବିତାଇ ଗଜା ହୋଇଥିବା ପାଚିଲା ଧାନକୁ ଦେଖି ମଧ୍ୟ ଦୁଃଖ ପ୍ରକାଶ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ପରିଡ଼ା ଗୋପ ସନ୍ନିକଟ ଲକ୍ଷ୍ମୀବଜାର ଠାରେ ପହଞ୍ଚିବା ପରେ ଗୋପ ବ୍ଲକ୍ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ସରପଞ୍ଚ ମୀନା କୁମାରୀ ମହାନ୍ତି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରଥମେ ଉପ ମୁଖ୍ୟମନ୍ତ୍ରୀ ଅଣ୍ଡରା ପଞ୍ଚାୟତରେ ପହଞ୍ଚି ଧାନ ଫସଲ କିପରି ନଷ୍ଟ ହୋଇଛି, ପାଚିଲା ଧାନ କିପରି ଗଜା ହୋଇଛି, ବାଡ଼ିକୁ ଆସିବାକୁ ଥିବା ପାଚିଲା ଧାନ କେମିତି ଏବେ ଚାଷଜମିରେ ଅଦିନିଆ ବର୍ଷା ପାଣିରେ ଭାସୁଛି ତାହା ଦେଖିଥିଲେ। ପରେ ଉପ ମୁଖ୍ୟମନ୍ତ୍ରୀ ଗୋପ ବ୍ଲକ୍‌ର ରାହାଙ୍ଗୋରଡ଼ା, ଡଭାର ପଞ୍ଚାୟତର ବିଭିନ୍ନ ସ୍ଥାନରେ ପହଞ୍ଚି ପାଚିଲା ଧାନ ଫସଲ ନଷ୍ଟ ହେବା ଦେଖିବା ସହିତ ଚାଷୀଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଗୋପ ବ୍ଲକ୍‌ରେ ଚଳିତ ବର୍ଷ ୨୧ ହଜାର ୧୨ ହେକ୍ଟର ଧାନ ଚାଷ ହୋଇଥିବା ବେଳେ ଅଦିନିଆ ବର୍ଷାରେ ୧୬ ହଜାର ୫୦ ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିବା ପ୍ରାଥମିକ ସୂଚନା ସରକାରଙ୍କ ନିକଟକୁ ଦିଆଯାଉଥିବା ସମୟରେ ଦ୍ୱିତୀୟ ପର୍ଯ୍ୟାୟରେ ତଦନ୍ତ ପରେ ଅଧିକ ହେବ ବୋଲି ଗୋପ ବ୍ଲକ୍ କୃଷି ଅଧିକାରୀ ଚନ୍ଦ୍ରଶେଖର ଦାସ କହିଛନ୍ତି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ନିମାପଡ଼ାର କ୍ଷତିଗ୍ରସ୍ତ ଚାଷୀ ଧାନବିଡ଼ା ଦେଖାଉଛନ୍ତି।

### ସମସ୍ତ କ୍ଷତିଗ୍ରସ୍ତ ଚାଷୀ ସହାୟତା ପାଇବେ

**ନିମାପଡ଼ା,୩୦।୧୨(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

ଲଘୁଚାପଜନିତ ଲଗାଣ ବର୍ଷା ନିମାପଡ଼ା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବର୍ଷାରେ ପାଚିଲା ଧାନ ଫସଲ ନଷ୍ଟ ହୋଇଥିବା ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ସହାୟତା ଯୋଗାଇ ଦେବାକୁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ। ଚାଷୀଙ୍କ କଲ୍ୟାଣ ରାଜ୍ୟ ସରକାରଙ୍କ ପ୍ରାଥମିକତା, ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ାଠାରେ ମତବ୍ୟକ୍ତ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା ସୋମବାର ମଧ୍ୟାହ୍ନରେ ନିମାପଡ଼ା ବ୍ଲକର ତରୁଣ୍ଡିଆ, ଡେଣୁଅ, ଚଉଁରପଦା, ଅଲଣ୍ଡା, ରଚିଲୋ, ସାଇଁସଶାସନ, ତଳଅଣ୍ଡିଆ ଆଦି ୬ଟି ପଞ୍ଚାୟତର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ ସହ କ୍ଷୟକ୍ଷତି ଆକଳନ କରି ବହୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ସିଧାସଳଖ ଆଲୋଚନା କରିଥିଲେ।

# 'କ୍ଷତିଗ୍ରସ୍ତ କୃଷକଙ୍କୁ ସହାୟତା ଯୋଗାଇ ଦିଆଯିବ'

### ଫସଲ କ୍ଷୟକ୍ଷତି ଅନୁଧ୍ୟାନକଲେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ

**ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି):**

ଅଦିନିଆ ବର୍ଷା କୃଷକଙ୍କୁ ଅସହ୍ୟ ଯନ୍ତ୍ରଣା ଦେବା ସହ ଉତ୍ପାଦିତ ଫସଲକୁ ନଷ୍ଟ କରିଛି। କିନ୍ତୁ ସରକାର କୃଷକଙ୍କ ସହ ଠିଆ ହୋଇଛନ୍ତି ଓ ସେମାନଙ୍କୁ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ସୋମବାର ପିପିଲି ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଫସଲର ସମୀକ୍ଷା କରି ମନ୍ତ୍ରୀ ସ୍ୱାଇଁ ଏହା ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ରିଲାଏନ୍ସ ବୀମା କମ୍ପାନୀ, ପ୍ରଶାସନ, କୃଷି ଓ ସମବାୟ ବିଭାଗ ପକ୍ଷରୁ ସଚେତନ କରାଇବା ସହ ୧୪୪୪୭ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଯୋଗାଯୋଗ ପାଇଁ ପରାମର୍ଶ ଦେବାକୁ ସେ କହିଥିଲେ। ମନ୍ତ୍ରୀ ଡେଲାଙ୍ଗ ଓ ପିପିଲି ବ୍ଲକର କେତେକ ଅଞ୍ଚଳ ବୁଲି ଧାନଜମି ଦେଖିବା ସହ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଜିଲାର ପ୍ରାୟ ୫୬ ହଜାର ଚାଷୀ ପଞ୍ଜୀକରଣ କରିଥିବା ମନ୍ତ୍ରୀ କହିଥିଲେ। ପ୍ରଶାସନ ସହ ବିସ୍ତୃତ ଆଲୋଚନା ପରେ ସରକାରଙ୍କୁ ତଥ୍ୟ ଦିଆଯିବ ଓ ଜଣେ ବି କ୍ଷତିଗ୍ରସ୍ତ ଚାଷୀ ଯେମିତି ବଞ୍ଚିତ ନ ହେବେ, ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଉପସ୍ଥିତ ଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଫସଲ କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଚଳିତବର୍ଷ ଜିଲାର ୧,୪୧,୫୦୦ ହେକ୍ଟର ଜମିରେ ଧାନଚାଷ ହୋଇଥିଲା ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପିପିଲି ବିଡିଓ ସରୋଜ କୁମାର ରାଉତ, ଡିଆର୍‌ସିଏସ୍ ସୁନିତା ପତିଙ୍କ ସହ ଜିଲାର ସମସ୍ତ ତହସିଲଦାର ଏବଂ ଅନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନୂଆବର୍ଷ ପାଇଁ କେନ୍ଦ୍ରାଞ୍ଚଳ ଡିଆଇଜିଙ୍କ ସମୀକ୍ଷା

**ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)**

ଇଂଲିଶ ନବବର୍ଷ ପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂ ମିନା ଓ ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ ଶ୍ରୀମନ୍ଦିର ନିକଟରେ ନିୟୋଜିତ ହୋଇଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପୋଷ୍ଟରେ ରିଭ୍ୟୁ କରିଛନ୍ତି। ସମସ୍ତଙ୍କୁ ବିନମ୍ର ଅନୁସାରେ ଡ୍ୟୁଟି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେବେ ନବବର୍ଷ ପାଇଁ ଆସୁଥିବା ଭକ୍ତମାନଙ୍କୁ ପୋଲିସ ତରଫରୁ ଅନେକ ଅଭିନନ୍ଦନ ଜ୍ଞାପନ କରାଯିବା ସହ ପୁରୀ ପୋଲିସକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

### ଗ୍ରାମାଞ୍ଚଳର ଗୌରବ ଏଆର୍‌ଏସ୍ ଟପ୍ପର ହେଲେ କୀର୍ତ୍ତିରଞ୍ଜନ ବରାଳ

**କଣାସ,୩୦।୧୨(ବିଭୂତି ଭୂଷଣ ତ୍ରିପାଠୀ)**

ପୁରୀ ଜିଲା କଣାସ ବ୍ଲକ ସାହୁପଡ଼ା ପଞ୍ଚାୟତ ଅବିରା ଗ୍ରାମର କୀର୍ତ୍ତିରଞ୍ଜନ ବରାଳ ଏହି ବର୍ଷ ସର୍ବଭାରତୀୟ କୃଷିଭିତ୍ତିକ ଗବେଷଣା ସେବାରେ ଏଆର୍‌ଏସ୍ ଟପ୍ପର ହୋଇ ବୈଜ୍ଞାନିକ ହୋଇଛନ୍ତି। ସେ ଆଗରୁ ମଧ୍ୟ ଏକାଧାରରେ ଜେଆର୍‌ଏଫ୍ ଓ ଏସ୍‌ଆର୍‌ଏଫ୍ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଓଡ଼ିଆ ମାଧ୍ୟମରୁ ନିଜର ସ୍କୁଲ ଶିକ୍ଷା ଆରମ୍ଭ କରି ସୋମବାର ଏହି ଶୀର୍ଷତମ ସୋପାନରେ ସେ ପହଞ୍ଚିଛନ୍ତି। ପରିବାର ଓ ଗ୍ରାମବାସୀଙ୍କ ପାଇଁ ସେ ଗୌରବ ଆଣିବା ସହ ଶହ ଶହ ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଏଥିସହ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇଛନ୍ତି।

### ଆମ୍ବବଉଳ ଲାଗି ହେଲେ ସାକ୍ଷୀଗୋପୀନାଥ

**ସାକ୍ଷୀଗୋପାଳ,୩୦।୧୨(ଭରତ ରାଉତ)**

ପୁରୀ ଜିଲାର ଦ୍ୱିତୀୟ ବୈଷ୍ଣବ କ୍ଷେତ୍ର ଭାବେ ସାକ୍ଷୀଗୋପୀନାଥଙ୍କ ନିକଟରେ ବକୁଳ ଅମାବାସ୍ୟା ଅବସରରେ ସୋମବାର ବଉଳ ଅମାବାସ୍ୟା ପର୍ବ ପାଳିତ ହୋଇଯାଇଛି। ଦ୍ୱିପହର ଧୂପରେ ଆମ୍ବ ବଉଳ ଖଣ୍ଡ ସହିତ ଗହମ ଗୁଣ୍ଡରେ ପ୍ରସ୍ତୁତ କରାଯାଇଥିବା ପିଠା ଠାକୁରଙ୍କୁ ଲାଗି କରାଯାଇଥଲା। ସେହିପରି ଗ୍ରାମଗୁଡ଼ିକରେ ଥିବା ମଠ, ମନ୍ଦିର, ଭାଗବତ ଟୁଙ୍ଗୀ ଓ ଘରେ ବଉଳ ଅମାବାସ୍ୟା ପର୍ବ ପାଳିତ ହୋଇଯାଇଛି।

# ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ସାରସ୍ୱତ ସମାରୋହ



ରାଜ୍ୟସ୍ତରୀୟ କବି ଓ ଲେଖକ ସମ୍ମେଳନରେ ଉପସ୍ଥିତ ପୁରୀ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ଅନ୍ୟମାନେ ।

**ପୁରୀ, ୩୦।୧୨(ଅଜିତ ମହାନ୍ତି)**

ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ୧୭ତମ ରାଜ୍ୟସ୍ତରୀୟ କବି ଓ ଲେଖକ ସମ୍ମେଳନ ଶନିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ବରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଅଶୋକ କୁମାର ମିଶ୍ର ମଞ୍ଚାସୀନ ଥିଲେ। କବି ସୁରେଶ କୁମାର ପଟ୍ଟନାୟକ ଜଗନ୍ନାଥଙ୍କ ଶ୍ଳୋକ ଗାନ କରିଥିଲେ। ୬୦ଜଣ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ପର୍ବରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜୟଲକ୍ଷ୍ମୀ ଦାଶ, କୁମାର ଚକ୍ରଧର ମହାପାତ୍ର, ସଦାଶିବ ମିଶ୍ର, ଶୈଳବାଳା ମହାପାତ୍ର, ଦାମୋଦର ମହାନ୍ତି ଏବଂ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା ହରପ୍ରିୟା ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନ ମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୁରୀ ଲିଙ୍ଗରାଜ କଳା ନିକେତନର ନୃତ୍ୟଶିଳ୍ପୀ ସୃଷ୍ଟି ସ୍ୱରୂପା ରାଧାକୃଷ୍ଣ ପ୍ରେମରସ ସମ୍ପର୍କିତ ସଙ୍ଗୀତରେ ଓଡ଼ିଶୀ ନୃତ୍ୟ ଏବଂ ଗୁରୁ ଧୀରେନ୍ଦ୍ର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନୃତ୍ୟ ନାଟିକା ବିକଶିତ ଭାରତ ମଞ୍ଚରେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା କ୍ରିଷ୍ଟା ମହାପାତ୍ର ଏବଂ ମଞ୍ଚ ପରିଚାଳନାରେ ସୁରେଶ କୁମାର ପଟ୍ଟନାୟକ, ମନୋରମା ଆଚାର୍ଯ୍ୟ, ରୋଜାଲିନ୍ ପଣ୍ଡା ଯୋଗଦେଇଥିଲେ। ଅନୁଷ୍ଠାନର ମୁଖପତ୍ର 'ଅବଢ଼ା' ଏବଂ କବି କମଳିନୀ ପାଣିଗ୍ରାହୀଙ୍କ କବିତା ସଙ୍କଳନ 'ବେଶ୍ ରସିକ ମୋ କଳା ମାଣିକ' ଲୋକାର୍ପିତ ହୋଇଥିଲା। ମନମୋହନ ଆଚାର୍ଯ୍ୟ, ବାବାଜି ଚରଣ ଜେନା, ସୁଦୀପ୍ତା ମିଶ୍ର, ଆଚାର୍ଯ୍ୟ ଓମ୍ ମହେଶ ମିଶ୍ର, ଧୀରେନ୍ଦ୍ର ନାଥ ପଟ୍ଟନାୟକ, ରାମକୃଷ୍ଣ ମହାପାତ୍ର, ବିଶ୍ୱରଞ୍ଜନ ପାତ୍ର, ନିରଞ୍ଜନ ମହାରଣା ଏବଂ ଲକ୍ଷ୍ମୀଧର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।

### ଘରୁ ଝୁଲନ୍ତା ମୃତଦେହ ଜବତ

**ନିମାପଡ଼ା,୩୦।୧୨(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଏନ୍‌ଏସି ଅଧୀନ ୧ନଂ. ୱାର୍ଡ ପାଟପୁର ମେଲକ ସାହି ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଶୋଇବାଘରୁ ଝୁଲନ୍ତା ଅବସ୍ଥାରେ ସୋମବାର ଜବତ କରାଯାଇଛି। ସେ ହେଲେ ହିମାଂଶୁ ଲେଙ୍କା(୨୮)। ଏନେଇ ପୋଲିସ ୨୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହିମାଂଶୁ ସବୁଦିନ ଭଳି ରବିବାର ରାତିରେ ଖାଇସାରି ନିଜ ଶୋଇବା ଘର ଭିତର ପଟୁ କବାଟ ବନ୍ଦ କରି ଶୋଇଥିଲେ। ସୋମବାର ସକାଳେ ପରିବାରବର୍ଗ ତାଙ୍କୁ ଡାକିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେହି ବନ୍ଦ କବାଟକୁ ଭଙ୍ଗା ଯାଇଥିଲା। ହିମାଂଶୁଙ୍କ ବେକରେ ଗାମୁଛା ବନ୍ଧା ହୋଇ ଫ୍ୟାନରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ପରିବାର ଲୋକେ ବେକରୁ ଗାମୁଛା ଖୋଲି ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ହିମାଂଶୁଙ୍କ ବାପା ପୂର୍ଣ୍ଣଚନ୍ଦ୍ର ଲେଙ୍କା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ଯୁବକଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣା ପଡ଼ିନାହିଁ।

# ନିମନ୍ତ୍ରିତ ଅତିଥି ଏଠି ନୀରବରେ ବସ

**ବ୍ରହ୍ମଗିରି,୩୦।୧୨(ସ୍ୱାଧୀନ ଚମ୍ପତିରାୟ)**

### ବ୍ରହ୍ମଗିରି ବିଧାୟିକା ଉପାସନାଙ୍କୁ ସ୍ଥାନୀୟ ସରପଞ୍ଚଙ୍କ ଜବାବ

ବ୍ରହ୍ମଗିରି ବ୍ଲକ୍‌ରେ ସୋମବାର ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି, ଯାହା ବ୍ରହ୍ମଗିରିରେ ପ୍ରଥମ ଘଟଣା। ପଞ୍ଚାୟତ ସମିତି ବୈଠକରେ ଜନ ପ୍ରତିନିଧିମାନେ ୨ ଗୋଷ୍ଠୀ ପରସ୍ପର ଆକ୍ଷେପ ପ୍ରତିଆକ୍ଷେପ ଯୋଗୁ ଆରମ୍ଭରୁ ଶେଷ ଯାଏ ହୋହଲ୍ଲା ହୋଇଥିଲା। ପ୍ରକାଶଥାଉକି, ବ୍ରହ୍ମଗିରି ବ୍ଲକ୍‌ରେ ପଞ୍ଚମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୨ବର୍ଷ ଧରି ବ୍ରହ୍ମଗିରି ବ୍ଲକ୍‌ରେ ପଞ୍ଚାୟତ ସମିତି ବୈଠକ ବନ୍ଦ ଥିଲା। ଗତ ୨୦ ତାରିଖରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଏକ ରିଭ୍ୟୁ ମିଟିଂ ଡାକିଥିଲେ। କିନ୍ତୁ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ବ୍ଲକ୍‌ରେ ପ୍ରଥମେ ସମିତି ବୈଠକ ହେଉ ବୋଲି ଦାବି କରିଥିଲେ। ସେମାନଙ୍କ ଦାବି ଅନୁଯାୟୀ ସୋମବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ଜନପ୍ରତିନିଧି, ବିଭାଗୀୟ ଅଧିକାରୀ, ବିଧାୟିକା ପ୍ରମୁଖ ଯୋଗଦେଇଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବୈଠକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ୧୦ ମିନିଟ୍ ବୈଠକ ହୋଇପାରି ନ ଥିଲା। ଭାଜପା ସମର୍ଥିତ ଜନ ପ୍ରତିନିଧି ଓ ବିଜେଡି ସମର୍ଥିତ ଜନପ୍ରତିନିଧିମାନେ ପରସ୍ପରକୁ ବିଭିନ୍ନ କଥାରେ ସମାଲୋଚନା କରି ହୋହଲ୍ଲା ଓ ପାଟିତୁଣ୍ଡ କରିଥିଲେ। ଏଭଳିକି ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଜଣେ ବିଜେଡି ସମର୍ଥିତ ସରପଞ୍ଚ ବିଧାୟିକାଙ୍କୁ ଜବାବ ଦେଇ କହିଥିଲେ, ତୁମେ ଏହି ବୈଠକରେ ନିମନ୍ତ୍ରିତ ଅତିଥି ତେଣୁ ନୀରବ ବସ। ଏନେଇ ବିଧାୟିକାଙ୍କୁ ହୋଇଥିବା ଅପମାନକୁ ବିରୋଧ କରି ଭାଜପା ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ଧାରଣାରେ ବସି ରହିଥିଲେ। ଅପରପକ୍ଷରେ ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା ବିଧାୟିକା ତାଙ୍କୁ ଅପମାନ କରିଥିବା ନେଇ ବିଧାୟିକାଙ୍କ ନାମରେ ଏକ ଅଭିଯୋଗ ଆଣିଥିଲେ। ଫଳରେ ସଭା ମଧ୍ୟରେ ହୋହଲ୍ଲା ଯୋଗୁ ବୈଠକ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା।

# ଜାନୁଆରୀ ୨୮ରୁ ସର୍ବଭାରତୀୟ କୃଷକ କନ୍‌ଭେନ୍‌ସନ

**କୋଣାର୍କ,୩୦।୧୨(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ସ୍ଥିତ ଅନନ୍ତ ଅବଧୂତ ମଠ ପରିସରରେ ଜାନୁଆରୀ ୨୮ ଓ ୨୯ରେ କୋଣାର୍କଠାରେ ଆୟୋଜିତ ହେବାକୁ ଥିବା ସର୍ବଭାରତୀୟ କୃଷକ କନ୍‌ଭେନସନ ପାଇଁ ସିପିଆଇ(ଏମ୍‌ଏଲ୍) ଲିବରେଶନ ଗୋପ ଶାଖା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିପିଆଇ(ଏମ୍‌ଏଲ୍) ଲିବରେଶନ ରାଜ୍ୟ ନେତା ସଞ୍ଜୀବ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକରେ ସିପିଆଇ(ଏମ୍‌ଏଲ୍) ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ପୁରୀ ଜିଲା ସମ୍ପାଦକ ଅଶୋକ ପ୍ରଧାନ, ରାଜ୍ୟ ନେତା ସର୍ବେଶ୍ୱର ଭାରତୀ, ଅସ୍ତରଙ୍ଗ ବ୍ଲକ ସମ୍ପାଦକ କୈଳାସ ଗୁରୁ, ଗୋପ ବ୍ଲକ ସମ୍ପାଦକ କେଦାର ନାଥ ଦାସ, ଗୋପ ବ୍ଲକ ସମ୍ପାଦକ ସଞ୍ଜୟ କୁମାର କାଣ୍ଡି, ପୁରୀ ବାସେଳୀ ସାହି ଶାଖା ସମ୍ପାଦକ ଜ୍ୟୋତିପ୍ରକାଶ ମହାନ୍ତି ଓ ପୁରୀର ବରିଷ୍ଠ ମାଧବ ମିଶ୍ର ପ୍ରମୁଖ ଯୋଗ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ କୃଷକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ୨ଦିନିଆ ସର୍ବଭାରତୀୟ କୃଷକ କନ୍‌ଭେନସନ ଆୟୋଜନ ନିମନ୍ତେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ, ସଙ୍ଗଠନର ସୁଦୃଢ଼ୀକରଣ ଓ କୃଷକଙ୍କ ନ୍ୟାଯ୍ୟ ଦାବି ହାସଲ ପାଇଁ ଅହରହ ସଂଗ୍ରାମ ଜାରି ରଖିବା ସମେତ ସଙ୍ଗଠନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ସର୍ବଭାରତୀୟ କୃଷକ କନ୍‌ଭେନସନରେ ଭାରତବର୍ଷର ବିଭିନ୍ନ ରାଜ୍ୟର ଶତାଧିକ କୃଷକ ଯୋଗଦେବା ନେଇ କନ୍‌ଭେନସନକୁ ସଫଳ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଶେଷରେ ଗୋପ ବ୍ଲକ ସମ୍ପାଦକ ସଞ୍ଜୟ କୁମାର କାଣ୍ଡି ଧନ୍ୟବାଦ ଦେଇଥିଲେ।

# ଜାଲରେ ଲାଗିଲା କଇଁଛ ଅପସାରଣ ଯନ୍ତ୍ର

**ଅସ୍ତରଙ୍ଗ,୩୦।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ମାଛଧରା ଜାଲରେ ଲାଗିଲା କଇଁଛ ଅପସାରଣ ଯନ୍ତ୍ର। ଏ ନେଇ ନୂଆଗଡ଼ ମାଛଧରା ଜେଟିରେ ସୋମବାର ପରୀକ୍ଷାମୂଳକ ଭାବେ ଉକ୍ତ ଯନ୍ତ୍ର ଲଗାଯିବା ସହ ମତ୍ସ୍ୟଜୀବୀ ଓ ବୋଟ୍ ମାଲିକଙ୍କୁ ସଚେତନ କରାଯାଇଛି। ଉକ୍ତ ଯନ୍ତ୍ର ଲାଗିବା ଦ୍ୱାରା କଇଁଛ ସଂରକ୍ଷଣ ହେବା ସହ ସମୁଦ୍ରର ପରିବେଶ ଓ ମତ୍ସ୍ୟକ୍ଷେତ୍ରରେ ଏକ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବ। ଜାଲରେ କଇଁଛ ଅପସାରଣ ଯନ୍ତ୍ର ଲାଗିବା ଦ୍ୱାରା କଇଁଛ ଜାଲରେ ପଡ଼ିବେ ନାହିଁ, କିନ୍ତୁ ମାଛ ରହିବେ। ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟରେ ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ଆଇନ ଦ୍ୱାରା ଜାଲରେ ଏହି ଯନ୍ତ୍ର ବାଧ୍ୟତାମୂଳକ କରାଯାଇଛି।

ଏହି ଯନ୍ତ୍ର ଜାଲରେ ଲାଗିବା ଦ୍ୱାରା ଜାଲ ଅଧିକ ଖୋଲିବା ସହ ଇନ୍ଧନ କମାଇବାରେ ସହାୟକ ହୋଇଥାଏ। ଉକ୍ତ ଯନ୍ତ୍ର ନ ଲାଗିବା ଦ୍ୱାରା ସମୁଦ୍ରରୁ ଧରାଯାଉଥିବା ଚିଙ୍ଗୁଡ଼ି ଭାରତରୁ ଆମେରିକା ରପ୍ତାନି କରିବା ସମ୍ଭବ ହେଉନାହିଁ। ଆମେରିକାକୁ ଏହି ରପ୍ତାନି ହୋଇ ନ ପାରିବା ଯୋଗୁ ପ୍ରତିବର୍ଷ ଭାରତକୁ ଅନ୍ୟୂନ ୪୫୦୦କୋଟି ଟଙ୍କା (୫୫୦ମିଲିୟନ ଆମେରିକା ଡଲାର) କ୍ଷତି ସହିବାକୁ ପଡୁଛି। ଫଳରେ ମାଛଧରା ଜେଟିଗୁଡ଼ିକରେ ଏହି ଅନିୟନ୍ତ୍ରିତ ଚିଙ୍ଗୁଡ଼ିର ମୂଲ୍ୟ ବହୁତ କମିଯାଉଛି। ସମସ୍ତେ ମାଛଧରା ଜାଲରେ କଇଁଛ ଅପସାରଣ ଯନ୍ତ୍ର (ଟେଡ୍)ବ୍ୟବହାର କରିବାକୁ ସଚେତନ କରାଯାଇଥିବା ରାଜ୍ୟ ସଂଯୋଜକ ନେଟ ଫିସ ଶୁଭ୍ରକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି।

### ଆଜି ନବୀନଙ୍କ ସତ୍ୟବାଦୀ ଗସ୍ତ

**ସାକ୍ଷୀଗୋପାଳ,୩୦।୨୪(ଭରତ ରାଉତ)**

ମଙ୍ଗଳବାର ପୂର୍ବାହ୍ନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ହେଲିକପ୍ଟର ଯୋଗେ ଭୁବନେଶ୍ୱରରୁ ବାହାରି ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଶୁକଳରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ସେଠାରେ ଅଦିନିଆ ବର୍ଷା ପ୍ରଭାବରେ କ୍ଷତିଗ୍ରସ୍ତ ଫସଲ ଅନୁଧ୍ୟାନ କରିବା ସହ ଚାଷୀମାନଙ୍କ ସହ ଆଲୋଚନା କରିବେ। ପରେ ବ୍ଲକର ବିଭିନ୍ନ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି କ୍ଷୟକ୍ଷତି ପରଖିବେ।

# ଶୃଙ୍ଖଳିତ ଦର୍ଶନ, ନୀତିକାନ୍ତି ଉପରେ ଗୁରୁତ୍ୱ

**ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)**

### ବ୍ଲାଙ୍କେଟ୍ ସିକ୍ୟୁରିଟି ଓ ସିସିଟିଭି ବଳୟରେ ରହିବ ଶ୍ରୀକ୍ଷେତ୍ର

ନବବର୍ଷରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ତେଣୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନେଇ ସୋମବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥଶଙ୍କର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟତଃ ଶ୍ରୀମନ୍ଦିରରେ ଭକ୍ତମାନେ କିଭଳି ଶୃଙ୍ଖଳାରେ ଦର୍ଶନ କରିପାରିବେ ଏବଂ ନୀତିକାନ୍ତି କିଭଳି ଶୃଙ୍ଖଳିତ ହୋଇପାରିବ ସେନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଭକ୍ତଙ୍କ ସୁରକ୍ଷା ସହ ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି।

ବୈଠକ ସମ୍ପର୍କରେ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସ୍ୱାଇଁ କହିଛନ୍ତି, ନୂଆବର୍ଷ ସମୟରେ ମୁଖ୍ୟତଃ ଡିସେମ୍ବର ୩୦ରୁ ଜାନୁଆରୀ ୨ ପର୍ଯ୍ୟନ୍ତ ଅଧିକ ଗହଳି ରହିଥାଏ। ତେବେ ଚଳିତବର୍ଷ ଶେଷସପ୍ତାହ ଥିବାରୁ ଗତ ୨୮ ତାରିଖରୁ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି। ସମସ୍ତ ଭକ୍ତଙ୍କୁ ସ୍ୱାଗତ କରାଯାଉଛି। ବ୍ୟାରିକେଡ୍‌କୁ ମାର୍କେଟଛକ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ବ୍ୟାରିକେଡ୍ ମଧ୍ୟରେ କୁଲର ବ୍ୟବସ୍ଥା ହେଉଛି। ୩୦ଟି ପଏଣ୍ଟରେ ପାଣି ବ୍ୟବସ୍ଥା କରାଯିବ। ବରିଷ୍ଠ ଅଧିକାରୀ, ଶ୍ରୀମନ୍ଦିର ଅଧିକାରୀ ପ୍ରମୁଖ ଯୁଗ୍ମ ଭାବେ ଶ୍ରୀମନ୍ଦିର ଭିତରେ ନିୟୋଜିତ ରହିବେ। ସେମାନେ ୩୧ ତାରିଖ ନୀତି ଆରମ୍ଭ ଠାରୁ ୧ ତାରିଖ ରାତି ପର୍ଯ୍ୟନ୍ତ ନିୟୋଜିତ ରହି ବ୍ୟବସ୍ଥାର ଅନୁଧ୍ୟାନ କରିବେ। ସମସ୍ତ ନୀତି ଯେପରି ଶୃଙ୍ଖଳିତ ହେବ ସେ ନେଇ ଗୁରୁତ୍ୱ ଦିଆଯାଇଛି। ସେହିପରି ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ନୂଆବର୍ଷକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ସହିତ ସହରରେ ଟ୍ରାଫିକ ସୁପରିଚାଳନା, ଆଇନଶୃଙ୍ଖଳା ରକ୍ଷା ପାଇଁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ। ସମ୍ପୂର୍ଣ୍ଣ ଶ୍ରୀକ୍ଷେତ୍ର ବ୍ଲାଙ୍କେଟ ସିକ୍ୟୁରିଟି ଏବଂ ସିସିଟିଭି ବଳୟ ମଧ୍ୟରେ ରହିବ। ଡିସେମ୍ବର ୩୧ ଓ ଜାନୁଆରୀ ୧ ରେ କେବଳ ସିଂହଦ୍ୱାର ପଟେ ଭକ୍ତମାନେ ପ୍ରବେଶ କରିବା ସହ ଅନ୍ୟ ତିନିଦ୍ୱାରରେ ପ୍ରସ୍ଥାନ ପାଇଁ ବ୍ୟବସ୍ଥା କରାଯାଇଛି। ଆଇନ ଶୃଙ୍ଖଳା ଉପରେ ପୋଲିସ ପକ୍ଷରୁ ନଜର ରଖାଯାଇଛି ବୋଲି ଅଗ୍ରୱାଲ କହିଛନ୍ତି। ବୈଠକରେ ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ଉପଜିଲାପାଳଙ୍କ ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଇପାସ୍ ରାସ୍ତା ଜବରଦଖଲ: ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

**ଗୋପ,୩୦।୧୨(ଭାରତୀ ଭୂଷଣ ଉପାଧ୍ୟାୟ)**

### ବ୍ଲକ୍‌ସ୍ତରୀୟ ଜନଶୁଣାଣିରେ ୪୦ ଅଭିଯୋଗ



ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ସୋମବାର ଗୋପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ପ୍ରସାର ପ୍ରଚାର ହୋଇ ନ ଥିବାରୁ ମାତ୍ର ୪୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି। ଏହି ଅଭିଯୋଗ ମଧ୍ୟରେ ଗୋପ ତହସିଲରେ କୌଣସି ସରକାରୀ କାର୍ଯ୍ୟ ନ ହେବା ନେଇ ୧୩ଟି ଅଭିଯୋଗ ରହିଛି। ଏପରିକି ଏହି ଜନଶୁଣାଣି ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବାବେଳେ ୨ଟା ସମୟରେ ଶେଷ ହେବାରୁ କେତେଜଣ ଅଭିଯୋଗକାରୀ ଫେରିଥିବା ମଧ୍ୟ ଅଭିଯୋଗ ରହିଛି। ତେବେ ଦୀର୍ଘ ୬୪ ବର୍ଷ ଧରି ବାଇପାସ୍ ରାସ୍ତା ଜବରଦଖଲ ଉଚ୍ଛେଦ କରିବା ଲାଗି ଗୋପ ସୁରକ୍ଷା ମଞ୍ଚ ସଭାପତି ସଚ୍ଚିଦାନନ୍ଦ ଗୋଛାୟତ ଅଭିଯୋଗ କରିଥିଲେ। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ଉପଜିଲାପାଳ ରାଜକିଶୋର ଜେନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୧୯୬୦ ମସିହାରେ ସରକାର କୋଣାର୍କ ଯାଉଥିବା ପର୍ଯ୍ୟଟକଙ୍କ ପାଇଁ ଗୋପ ବଜାରରେ ଟ୍ରାଫିକ ସମସ୍ୟା ଦେଖା ଦେବା ଫଳରେ ଏକ ବାଇପାସ୍ ନିର୍ମାଣ ଲାଗି ଚିନ୍ତା କରିଥିଲେ। ସେହି ସମୟରେ ଗୋପ ବଜାର ସନ୍ନିକଟ ବଣିଆସାହିଠାରୁ ମହାଜନ ସାହି ନିକଟ ଦେଇ କୁଶଭଦ୍ରା ନଦୀବନ୍ଧ କଡ଼ରେ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା। ଏପରିକି ଜମି ଅଧିଗ୍ରହଣ ସହିତ ଜମି ଯାଇଥିବା ବିକ୍ରେତାଙ୍କୁ ଅର୍ଥ ମଧ୍ୟ ଦିଆଯାଇଥିଲା। ପରେ କୌଣସି କାରଣକୁ ନେଇ ରାସ୍ତା ନିର୍ମାଣ ହୋଇ ପାରି ନ ଥିଲା। ଦୀର୍ଘଦିନ ଧରି ଏହି କାର୍ଯ୍ୟ ବନ୍ଦ ରହିବା ଫଳରେ ଜମି ଅଧିଗ୍ରହଣ କରାଯାଇଥିବା ଜମି କେତ୍ରାମାନେ ଚକ୍‌କତା କରି ୧୯୭୫ ମସିହାରେ ଗୋପରେ ହେଉଥିବା ଚକବନ୍ଦୀ ସମୟରେ ନିଜ ନାମରେ ପୁନଃ ଜମି କରାଇ ନେଇଥିଲେ। ଏପଟେ ସରକାରଙ୍କ ପକ୍ଷରୁ ଏହି ବାଇପାସ୍ ରାସ୍ତାକୁ ଛାଡ଼ି ଦେଇ ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଓ କୁଶଭଦ୍ରା ନଦୀବନ୍ଧ ଉପରେ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। କୁଶଭଦ୍ରା ନଦୀବନ୍ଧ ବିପଦସଙ୍କୁଳ ଅବସ୍ଥାରେ ଥିବା ସହିତ ବନ୍ୟା ସମୟରେ ଏହି ନଦୀବନ୍ଧରେ ଘାଇ ସୃଷ୍ଟି ହେବାରୁ ଜନଜୀବନ ପ୍ରଭାବିତ ହେବା ଭଳି ଅଭିଯୋଗ ହୋଇଛି। ତୁରନ୍ତ ଜମି ଅଧିଗ୍ରହଣ କରାଯାଇଥିବା ବାଇପାସ୍ ରାସ୍ତା ନିର୍ମାଣ ହେବାକୁ ଏହି ଅଭିଯୋଗ ଶୁଣାଣିରେ ଦାବି ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ଏହି ବାଇପାସ୍ ରାସ୍ତା ଉପରେ ସମସ୍ତ ତଥ୍ୟ ଦେବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଉପଜିଲାପାଳ ରାଜକିଶୋର ଜେନାଙ୍କୁ ପଚାରିବାରେ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ। ତହସିଲଦାର ମହାନ୍ତିଙ୍କୁ ନିର୍ଦ୍ଦେଶ ପରେ ସରଜମିନ ତଦନ୍ତ ପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଥିଲେ।

## ୫୩ ଗ୍ରାମ୍ ହେରୋଇନ ଜବତ, ୨ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା) - ପାହାଲ ଥାନା ଅନ୍ତର୍ଗତ ହଂସପାଳ ଛକରେ ହେରୋଇନ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବାବେଳେ ଅବକାରୀ ଟିମ୍ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାବୁ ଖାନ୍ ଓ ପ୍ରତାପ ସାମଲ। ସେମାନଙ୍କଠାରୁ ୫୩ ଗ୍ରାମ ହେରୋଇନ ଓ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ। ଏନେଇ ଅବକାରୀ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

## ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ

ଭୁବନେଶ୍ୱର, ୩୦।୧୨
(ବନ୍ଦନା ସେଠୀ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟର ସ୍ୱାସ୍ଥ୍ୟ ବିଭାଗ, କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ଅଧିକାର ମନ୍ତ୍ରଣାଳୟ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପଟିଆ ସେବା କେନ୍ଦ୍ରରେ ଆୟୋଜିତ ଏହି ଅଭିଯାନରେ ସମ୍ମାନିତ ଅତିଥି ଭାବେ ଏସିପି ରମେଶ ଚନ୍ଦ୍ର ବିଶୋଇ, ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ, ରାଜଯୋଗିନୀ ବ୍ରହ୍ମାକୁମାରୀ କଳ୍ପନା ଓ ପଟିଆ ସେବାକେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ଗୋଲାପ ଯୋଗଦେଇଥିଲେ। ରାଜଯୋଗ ଅଭ୍ୟାସ ଦ୍ୱାରା ଚିନ୍ତାମୁକ୍ତ ଜୀବନ, ମନର ଶାନ୍ତି, ଆଧ୍ୟାତ୍ମିକ ଚିନ୍ତନ, କ୍ରୋଧ ଉପରେ ବିଜୟ, ଆତ୍ମବିଶ୍ୱାସ, ଏକାଗ୍ରତା ଆଦି ବୃଦ୍ଧି କରି ପାରିବା। ଏଥିସହ ନିଶାସେବନରୁ ମୁକ୍ତ ହୋଇପାରିବା ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଏଲ୍ଇଟି ପ୍ରୋଜେକ୍ଟର ଦ୍ୱାରା ଚଳଚ୍ଚିତ୍ର ପ୍ରଦର୍ଶନ, କୁମ୍ଭକର୍ଣ୍ଣ ଚରିତ୍ର ଆଧାରିତ ସାଉଣ୍ଡ୍ ସିଷ୍ଟମ୍ ସହ ଆକର୍ଷଣୀୟ ହାଇଡ୍ରୋଲିକ୍ ମୁଭିଂ ଆକର୍ଷଣ ସାଜିଥିଲା।

# ଆନ୍ଦୋଳନକୁ ଓହ୍ଲାଇଲେ ଭିଏସ୍ଏସ୍ନଗରବାସୀ



ଭିଏସ୍ଏସ୍ନଗର ରାସ୍ତାରେ ପାଣିକାଦୁଅ।



ଖାଲଖମାରେ ଭର୍ତ୍ତି ରାସ୍ତାରେ ସ୍ଥାନୀୟ ବାସିନ୍ଦା ଧାରଣା ଦେଇଛନ୍ତି।

### ଓଭରବ୍ରିଜ୍ କାମ ବିଳମ୍ବ, ଯାତନା ଦେଉଛି ଖାଲଖମା ଭର୍ତ୍ତି ରାସ୍ତା

ଭୁବନେଶ୍ୱର,୩୦।୧୨(ଅନୁରାଧା ମହାରଣା)

ଭିଏସ୍ଏସ୍ ନଗର ମୁଖ୍ୟରାସ୍ତାରେ ଚାଲିଥିବା ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେଉଥିବାବେଳେ ସର୍ଭିସ୍ ରୋଡ୍ ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ଲୋକେ ପ୍ରତିଦିନ ଯାତାୟାତବେଳେ ନାନା ହଇରାଣ ହେଉଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ପ୍ରତିବାଦରେ ସୋମବାର ଅଞ୍ଚଳବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ପ୍ରାୟ ୩ବର୍ଷ ଧରି ଲୋକେ ରାସ୍ତାରେ ଯାତନା ଭୋଗୁଛନ୍ତି। ଅସରାଏ ବର୍ଷାରେ ପରିସ୍ଥିତି ଅସମ୍ଭାଳ ହେଉଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତେବେ ଆନ୍ଦୋଳନକାରୀଙ୍କ ସହ ଆର୍ଆଣ୍ଡ୍ବି ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ଅନ୍ୟ ଅଧିକାରୀ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ମଙ୍ଗଳବାର ଅସ୍ଥାୟୀ ଭାବେ ସର୍ଭିସ୍ ରୋଡ୍ର ଖାଲଖମା ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ମାସକ ମଧ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ପାଇଁ ଅଧିକାରୀମାନେ ଆଶ୍ୱାସନା ଦେଇଛନ୍ତି। ତେବେ ଅଣ୍ଡର କେବୁଲ ବିଛାଇବା କାର୍ଯ୍ୟ ଓ ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକର ସ୍ଥାନାନ୍ତରରେ ବିଳମ୍ବ ହେଉଥିବାରୁ କାର୍ଯ୍ୟ ସରୁ ନ ଥିବା ବିଭାଗ ଦର୍ଶାଇଛି। ଏକତାମଞ୍ଚ ଭିଏସ୍ଏସ୍ ନଗର ଯୁବକ ସଂଘ ଓ ସ୍ମୃତି ସଦନର ସଦସ୍ୟ ଚିନ୍ତାମଣି ବାରିକ କହିଛନ୍ତି, ପିଲା, ବୟସ୍କ ଓ ମହିଳାମାନେ ଯାତାୟାତ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିରେ ଖିଲାପ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

## ନ୍ୟାୟ ପାଇଁ ଡିଜିପି କ୍ୟାମ୍ପ ଅଫିସ୍ ଆଗରେ ଧାରଣା

### ନବବଧୂ ହତ୍ୟା ମାମଲା: ପଦକ୍ଷେପ ନେଉନି ଜଟଣୀ ପୋଲିସ

ଭୁବନେଶ୍ୱର,୩୦।୧୨(ସତ୍ୟଜିତ୍ ରାଉତ)

ଜଟଣୀ ଥାନା ଅଞ୍ଚଳରେ ଘଟିଥିବା ଏକ ନବବଧୂ ହତ୍ୟା ମାମଲାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ପରିବାର ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ମୃତା ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ବାପା ରଘୁନାଥ ଆଚାର୍ଯ୍ୟ, ମା' ଜୟନ୍ତୀ, ଭଉଣୀଙ୍କ ସହ ସାମାଜିକ କର୍ମୀ ବିନ୍ଦୁଜା ଉପାଧ୍ୟାୟ ସୋମବାର ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସ ସାମ୍ନାରେ ଧାରଣାରେ ବସି ନ୍ୟାୟ ମାଗିଛନ୍ତି। ଜଟଣୀ ତରାବୋଇ ଅଞ୍ଚଳର ଚିନ୍ମୟ କୁମାର ରଥଙ୍କ ସହ ଗତ ଜୁଲାଇ ୧୨ରେ ଜ୍ୟୋତ୍ସ୍ନାମୟୀଙ୍କ ବିବାହ ହୋଇଥିଲା। ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ହେଲେ ଶ୍ୱଶୁରଘର ଲୋକେ ଯୌତୁକ ଦାବିକରି ଜ୍ୟୋତ୍ସ୍ନାମୟୀଙ୍କୁ ନିର୍ଯାତନା ଦେଇଥିଲେ। ଗତ ସେପ୍ଟେମ୍ବର ୧୦ରେ ଜ୍ୟୋତ୍ସ୍ନାମୟୀଙ୍କର ଶାଶୁଘରେ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ତେବେ ଝିଅକୁ ହତ୍ୟା କରି ଫ୍ୟାନ୍ରେ ଝୁଲାଇ ଦିଆଯାଇଥିବା ରଘୁନାଥ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବାରୁ ପରିବାର ଲୋକେ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଡିସେମ୍ବର ୨୩ରେ ମା'ବାପା ଭୁବନେଶ୍ୱର ଅତିରିକ୍ତ ଡିସିପି ସଞ୍ଜୟ କୁମାର ମହାପାତ୍ରଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଘଟଣାରେ ସମସ୍ତ ପଦକ୍ଷେପ ନିଆଯିବା ସହ ଜୋନ୍-୩ ଏସିପି ମାମଲାରେ ଅନୁସନ୍ଧାନ କରିବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏହି ପ୍ରତିଶ୍ରୁତିକୁ ୭ଦିନ ବିତିଯାଇଥିବାବେଳେ ତଦନ୍ତ ନ ଆଗେଇବାରୁ ପରିବାର ଲୋକେ ଧାରଣା ଦେବାକୁ ବାଧ୍ୟ ହୋଇଥିବା ସେମାନେ କହିଛନ୍ତି। ଏହି ଘଟଣାରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ହସ୍ତକ୍ଷେପ କରିବା ସହ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ମାମଲାର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଛି।



ଡିଜିପି ଅଫିସ ସମ୍ମୁଖରେ ଜଟଣୀର ମୃତ ନବବଧୂଙ୍କ ପରିବାର ଲୋକେ ଧାରଣା ଦେଇଛନ୍ତି।

## ଓଡ଼ିଆ ଅସ୍ମିତା ପାଇଁ ଉତ୍କଳ ସମ୍ମିଳନୀର ଦାୟିତ୍ୱ ବଢ଼ିଛି

### ୧୨୨ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୩୦।୧୨(ସୁଚିସ୍ମିତା ସାହୁ)

ଉତ୍କଳ ସମ୍ମିଳନୀର ୧୨୨ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ଉତ୍କଳ ସମ୍ମିଳନୀ ପତାକାକୁ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ଉତ୍ତୋଳନ କରିଥିଲେ। ପରେ ରାଜଭବନ ଛକରେ ଥିବା ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ସମ୍ମିଳନୀ ମାର୍ଗରେ ଥିବା ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏବଂ ଏଜି ଛକରେ ଥିବା ପ୍ରଥମ ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍ଗୋ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ପଦ୍ମ ଚରଣ ନାୟକ ଓ ସୀତା ବଲ୍ଲଭ ମହାପାତ୍ର ଯୋଗଦେଇ ଓଡ଼ିଆ ଅସ୍ମିତା ପାଇଁ ଉତ୍କଳ ସମ୍ମିଳନୀର ଦାୟିତ୍ୱ ବଢ଼ିଛି ବୋଲି କହିଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମକୁ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ପରିଚାଳନା କରିଥିଲେ। ସମ୍ମିଳନୀ ଉପସଭାପତି ବିଚିତ୍ରାନନ୍ଦ ସାହୁ ଓ ଡ. ସୁରେନ୍ଦ୍ର ମୋହନ ମିଶ୍ର, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ବାସନ୍ତି ତ୍ରିପାଠୀ, ପ୍ରକାଶ ସାମଲ, ଦୀପ୍ତିମୟୀ ନାୟକ, ଅନୁପମା ବେହେରା, ରାମଚନ୍ଦ୍ର ସାମଲ ଓ ଅମର କବି ଶତପଥୀଙ୍କ ସମେତ ବହୁ ସଦସ୍ୟାସଦସ୍ୟ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳନ ଅବସରରେ ପାୱାର ହାଉସ୍ ଛକସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

## ଇଡ୍କୋ ଜମି ଅଧିଗ୍ରହଣକୁ ଗ୍ରାମବାସୀଙ୍କ ତୀବ୍ର ବିରୋଧ



ବାରଙ୍ଗ/ତ୍ରିଶୂଳିଆ,୩୦।୧୨
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଇଡ୍କୋ ପକ୍ଷରୁ କରାଯାଉଥିବା ଜମି ଅଧିଗ୍ରହଣକୁ ଗ୍ରାମବାସୀ ସୋମବାର ମୁଣ୍ଡଳୀ ଆଦିଶକ୍ତି ମନ୍ଦିର ପାଖ ଜାଗାରେ ଜୋରଦାର ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ ବିରୋଧ ଯୋଗୁ ପ୍ରଶାସନକୁ ପଛଘୁଞ୍ଚା ଦେବାକୁ ପଡ଼ିଛି। ପ୍ରକାଶ ଯେ, ମୁଣ୍ଡଳୀ, ରାମଦାସପୁର ଓ ଚକ୍ରଧରପୁର ମୌଜାରେ ଥିବା ୧୨୦୦ ଏକର ଜମିରୁ ଇଡ୍କୋ କିଛି ଜମି ନେଇଥିବାବେଳେ ଆଉ କିଛି ଜମି ଚାଷୀଙ୍କ ଅକ୍ତିଆରରେ ରହିଛି। ଇଡ୍କୋ ପୂର୍ବରୁ ନେଇଥିବା ଜାଗାରେ ପାଚେରି କାମ କରୁଥିବାବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ପ୍ରଶାସନିକସ୍ତରରେ ଗ୍ରାମବାସୀଙ୍କ ସହ ଆଲୋଚନା କରାଯିବା ପରେ ପାଚେରି କାମ ହେବ ବୋଲି ସେ ସମୟରେ କୁହାଯାଇଥିଲା। କିନ୍ତୁ ଗ୍ରାମବାସୀଙ୍କ ବିରୋଧ ଘଟଣାର କୌଣସି ସମାଧାନ ହୋଇ ନ ଥିଲା। ସୋମବାର ପୁଣି ଇଡ୍କୋ ପକ୍ଷରୁ ସେହି ଜାଗାରେ ପାଚେରି କରାଯାଇଥିଲା, ଯାହାକୁ ନେଇ ମୁଣ୍ଡଳୀ, ତଳଗଡ଼, ନରାଜ, ମାର୍ଥାପୁର ପଞ୍ଚାୟତର ଶତାଧିକ ଗ୍ରାମବାସୀ ଉତ୍ତେଜିତ ହୋଇ ବିରୋଧ କରିଥିଲେ। ଖବରପାଇ କଟକ ଅତିରିକ୍ତ ଡିସିପି, ଜୋନ-୪ ଏସିପି, ଗୋଡ଼ିସାହି ଫାଣ୍ଡି ଅଧିକାରୀ, ବାରଙ୍ଗ ଥାନା ଅଧିକାରୀ ୪ ପ୍ଲାଟୁନ ପୋଲିସ ଫୋର୍ସ ଧରି ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେଙ୍କ ସହ ଆଲୋଚନା ପରେ ପାଚେରି କାମ ହେବାକୁ ପ୍ରତିଶ୍ରୁତି ପରେ ଗ୍ରାମବାସୀ ଫେରିଥିଲେ।

## 'ନିମନ୍ତ୍ରିତ ଅତିଥି ଏଠି ନୀରବରେ ବସ'

### ବିଧାୟିକା ଉପାସନାଙ୍କୁ ସରପଞ୍ଚଙ୍କ ଜବାବ

ବ୍ରହ୍ମଗିରି,୩୦।୧୨(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବ୍ଲକ୍ରେ ସୋମବାର ଏକ ଅପ୍ରୀତିକର ପରିସ୍ଥିତ ଦେଖିବାକୁ ମିଳିଛି, ଯାହା ବ୍ରହ୍ମଗିରିରେ ପ୍ରଥମ ଘଟଣା। ପଞ୍ଚାୟତ ସମିତି ବୈଠକରେ ଜନ ପ୍ରତିନିଧିମାନେ ୨ ଗୋଷ୍ଠୀ ପରସ୍ପର ଆକ୍ଷେପ ପ୍ରତିଆକ୍ଷେପ ଯୋଗୁ ଆରମ୍ଭରୁ ଶେଷ ଯାଏ ହୋହଲ୍ଲା ହୋଇଥିଲା। ପ୍ରକାଶଥାଉକି, ବ୍ରହ୍ମଗିରି ବ୍ଲକ୍ରେ ପଞ୍ଚମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୨ବର୍ଷ ଧରି ବ୍ରହ୍ମଗିରି ବ୍ଲକ୍ରେ ପଞ୍ଚାୟତ ସମିତି ବୈଠକ ବନ୍ଦ ଥିଲା। ଗତ ୨୦ ତାରିଖରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଏକ ରିଭ୍ୟୁ ମିଟିଂ ଡାକିଥିଲେ। କିନ୍ତୁ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ବ୍ଲକ୍ରେ ପ୍ରଥମେ ସମିତି ବୈଠକ ହେଉ ବୋଲି ଦାବି କରିଥିଲେ। ସେମାନଙ୍କ ଦାବି ଅନୁଯାୟୀ ସୋମବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ଜନପ୍ରତିନିଧି, ବିଭାଗୀୟ ଅଧିକାରୀ, ବିଧାୟିକା ପ୍ରମୁଖ ଯୋଗଦେଇଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବୈଠକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ୧୦ ମିନିଟ୍ ବୈଠକ ହୋଇପାରି ନ ଥିଲା। ଭାଜପା ସମର୍ଥିତ ଜନ ପ୍ରତିନିଧି ଓ ବିଜେଡି ସମର୍ଥିତ ଜନପ୍ରତିନିଧିମାନେ ପରସ୍ପରକୁ ବିଭିନ୍ନ କଥାରେ ସମାଲୋଚନା କରି ହୋହଲ୍ଲା ଓ ପାଟିତୁଣ୍ଡ କରିଥିଲେ। ଏଭଳିକି ପରିସ୍ଥିତ ଅଣାୟତ୍ତ ହୋଇଥିଲା। ଜଣେ ବିଜେଡି ସମର୍ଥିତ ସରପଞ୍ଚ ବିଧାୟିକାଙ୍କୁ ଜବାବ ଦେଇ କହିଥିଲେ, ତୁମେ ଏହି ବୈଠକରେ ନିମନ୍ତ୍ରିତ ଅତିଥି ତେଣୁ ନୀରବ ବସ। ଏନେଇ ବିଧାୟିକାଙ୍କୁ ହୋଇଥିବା ଅପମାନକୁ ବିରୋଧ କରି ଭାଜପା ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ଧାରଣାରେ ବସି ରହିଥିଲେ। ଅପରପକ୍ଷରେ ବ୍ଲକ ଅଧକ୍ଷା ରତ୍ନବାଳା ବେହେରା ବିଧାୟିକା ତାଙ୍କୁ ଅପମାନ କରିଥିବା ନେଇ ବିଧାୟିକାଙ୍କ ନାମରେ ଏକ ଅଭିଯୋଗ ଆଣିଥିଲେ। ଫଳରେ ସଭା ମଧ୍ୟରେ ହୋହଲ୍ଲା ଯୋଗୁ ବୈଠକ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା।

## ସମାଧାନ ପାଇଁ ଡିସିପିଙ୍କୁ ଭେଟିଲେ ପ୍ରମୁଖ ରାଜନେତା

### ହାଇସ୍କୁଲ ପଡ଼ିଆରେ କ୍ରିକେଟ୍ ଖେଳ ବନ୍ଦକୁ ନେଇ ବିବାଦ

ଭୁବନେଶ୍ୱର,୩୦।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଲକ୍ଷ୍ମୀସାଗର ହାଇସ୍କୁଲ ଖେଳ ପଡ଼ିଆରେ କ୍ରିକେଟ୍ ଟୁର୍ନାମେଣ୍ଟ ବନ୍ଦକୁ ନେଇ ରବିବାର ସ୍ଥାନୀୟ ଲୋକେ ଲକ୍ଷ୍ମୀସାଗର ଛକରେ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକୋ କରିଥିଲେ। ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ଧୀରେ ଧୀରେ ଏହା ରାଜନୈତିକ ରୂପ ନେବାରେ ଲାଗିଛି। ତେବେ ପୋଲିସ ଖେଳ ବନ୍ଦ କରିଥିବାରୁ ସୋମବାର ଭୁବନେଶ୍ୱରର ପ୍ରମୁଖ ରାଜନେତା ଡିସିପି ପିନାକ ମିଶ୍ରଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ଏକାମ୍ର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ବିଜେଡ଼ି ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ୪୩ ନଂ. ୱାର୍ଡ କର୍ପୋରେଟର ଭରତ ଲେଙ୍କା ଓ ଲକ୍ଷ୍ମୀସାଗର ଗ୍ରାମର ମୁରବୀମାନେ ଡିସିପିଙ୍କୁ ଭେଟିବା ସହ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି। ସ୍କୁଲ ବନ୍ଦ ବେଳେ ଖେଳ ପାଇଁ କୌଣସି ପ୍ରକାର ଅନୁମତି ଦରକାର ନାହିଁ ବୋଲି ପଡ଼ିଆ ରିନୋଭେଶନ ସମୟରେ କୁହାଯାଇଥିଲେ ମଧ୍ୟ ଏବେ କ'ଣ ପାଇଁ ମନା କରାଉଛି ବୋଲି ସେମାନେ କହିଥିଲେ। ତେବେ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କ ପାଖରେ ଉପାସ୍ଥାପନା କରି ୨ ଦିନ ଭିତରେ ଏହାର ସମାଧାନର ସୂତ୍ର ବାହାର କରିବେ ବୋଲି ଡିସିପି ପ୍ରତିଶ୍ରୁତି ଦେଇଥିବା ସ୍ଥାନୀୟ କର୍ପୋରେଟର ଭରତ ଲେଙ୍କା କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଧାନ ଶିକ୍ଷୟତ୍ରୀଙ୍କ ଅଭିଯୋଗ ପାଇ ରବିବାର ପୋଲିସ ପକ୍ଷରୁ ଖେଳ ବନ୍ଦ କରାଯିବାରୁ ଆୟୋଜକମାନେ ଉତ୍ତେଜିତ ହୋଇ ରାସ୍ତାରୋକୋ କରିଥିଲେ।

## ଅତୀତର ସ୍ମୃତିକୁ ମନେପକାଇଲେ

### ବାଣୀବିହାର-୮୬ ସଂଘର ବନ୍ଧୁମିଳନ

ଭୁବନେଶ୍ୱର,୩୦।୧୨
(ସୁଚିସ୍ମିତା ସାହୁ)

ବାଣୀବିହାର-୮୬ ସଂଘର ବାର୍ଷିକ ବନ୍ଧୁମିଳନ କିଟ୍ ବିଶ୍ୱବିଦ୍ୟାଳୟ ପରିସର ଗୋଲାପ ଉଦ୍ୟାନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସଂଘର ସମସ୍ତ ସଦସ୍ୟାସଦସ୍ୟ ଏକାଠି ହୋଇ ଅତୀତର ଅଭୁଲା ସ୍ମୃତିକୁ ମନେପକାଇଥିଲେ। ସଂଘ ସଭାପତି ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ସଂଯୋଜନା କରିଥିଲେ। ଉପସଭାପତି ପ୍ରବୋଧ ମହାନ୍ତି, ସହସମ୍ପାଦକ ରମାକାନ୍ତ ଷଡଙ୍ଗୀ, କିଟ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଡ. ପ୍ରସନ୍ନ କୁମାର ସ୍ୱାଇଁ, ଅମରେଶ ପଣ୍ଡା, ରାଜେନ୍ଦ୍ର ମିଶ୍ର, ଧମେନ୍ଦ୍ର ଦ୍ୱିବେଦୀ, ପ୍ରଣତି ଦାସ, ଡ. ପ୍ରଭାକର ନନ୍ଦ, ଅଭିନ୍ନ ହୋତା, ଉମାକାନ୍ତ ମହାପାତ୍ର ଓ ଡ. ବିନୋଦିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।




ବାଣୀବିହାର-୮୬ ସଂଘର ବନ୍ଧୁମିଳନ ଉତ୍ସବରେ କିଟ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଅନ୍ୟମାନେ।

## ୧୪ଜଣ ପାଇଲେ 'ରାଜଧାନୀ ପୁସ୍ତକମେଳା ପୁରସ୍କାର

ଭୁବନେଶ୍ୱର,୩୦।୧୨
(ସୌମ୍ୟରଞ୍ଜନ ରାଉତ)




ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରାଜ୍ୟସ୍ତରୀୟ ୨୪ତମ ଲେଖକ ସମ୍ମିଳନୀ ଓ ରାଜଧାନୀ ପୁସ୍ତକମେଳା ପୁରସ୍କାର ପ୍ରଦାନ ଉତ୍ସବ ସୋମବାର ଗୀତାଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜଧାନୀ ପୁସ୍ତକମେଳା କମିଟି ସଭାପତି ଡ. ଉପେନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡ. ହୃଷୀକେଶ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଡ. ପୀତବାସ ରାଉତରାୟ ଓ ଭାସ୍କର ଜେନା ଯୋଗଦେଇଥିଲେ। ଡ. ମଲ୍ଲିକ ସାଂପ୍ରତିକ ପରିବର୍ତ୍ତିତ ପରିସ୍ଥିତିରେ ଲେଖକମାନେ ପାଠକଙ୍କ ରୁଚି ଅନୁଯାୟୀ ଲେଖନୀ ଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଓଡ଼ିଆ ସାହିତ୍ୟର ୧୧ଟି ବିଭାଗରେ ୧୪ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରବନ୍ଧ ପୁସ୍ତକ 'ଓଡ଼ିଶାର ଧର୍ମ, ସଂସ୍କୃତି ଓ ସାହିତ୍ୟରେ ଶ୍ରୀଜଗନ୍ନାଥ' ପାଇଁ ରମେଶଚନ୍ଦ୍ର ସାହୁ, ଉପନ୍ୟାସ 'ସଦାନନ୍ଦର ପୃଥିବୀ' ପାଇଁ ଭାନୁମତୀ ସାହୁ ଓ 'ଦେବହୂତି' ପାଇଁ ଡ. ଅଭୟ କୁମାର ନାୟକ, କ୍ଷୁଦ୍ରଗଳ୍ପ ପୁସ୍ତକ 'ବିଦୀର୍ଣ୍ଣ ବସୁଧା' ପାଇଁ ଡ. ଉର୍ମିମାଳା ଆଚାର୍ଯ୍ୟ, କବିତା ପୁସ୍ତକ 'ତମେ ଥିଲେ ସବୁ ଅଛି' ପାଇଁ ଅଶ୍ୱିନୀ ସୂତାର, ଧର୍ମସାହିତ୍ୟ 'ମୃତ୍ୟୁ ପରେ ଜୀବାତ୍ମାର ଅସ୍ତିତ୍ୱ' ପାଇଁ ଡ. ନୃସିଂହାନନ୍ଦ ମହାପାତ୍ର, ଅନୁବାଦ ପୁସ୍ତକ 'ବରଫର ଦେଶ' ପାଇଁ ସୋମନାଥ ଓଝା, ନାଟକ 'ଏବେବି ଧରମା ବଞ୍ଚିଛି' ପାଇଁ ଡ. ରମାକାନ୍ତ ନାୟକ, ଜୀବନୀ ପୁସ୍ତକ 'ମୋ ପିଲାଦିନର ଆମ ଗାଁ' ପାଇଁ ନଟବର ଖୁଣ୍ଟିଆ, ବିଜ୍ଞାନ ସାହିତ୍ୟ ପୁସ୍ତକ 'ସୁଖନିଦ୍ରା' ପାଇଁ ପ୍ରଫେସର ଡାକ୍ତର ରବୀନ୍ଦ୍ରନାଥ ସାହୁ, ବ୍ୟଙ୍ଗ ପୁସ୍ତକ 'ଭୁଲା ଅତୀତ' ପାଇଁ ଗୋପୀନାଥ ମଲ୍ଲିକ, ଶିଶୁକବିତା ପୁସ୍ତକ 'ଗପର ମହକ ଗୀତର ମହୁ' ପାଇଁ ହରିହର ଶୁକ୍ଳ, ଶିଶୁବିଜ୍ଞାନ ପୁସ୍ତକ 'ମୁଁ ବୈଜ୍ଞାନିକ ହେବି'ପାଇଁ ଡ. କୃଷିବାସ ନାୟକ ଏବଂ ଗୀତି କବିତା ପୁସ୍ତକ 'ପ୍ରୀତିନନ୍ଦା' ପାଇଁ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କୁ 'ସୁଧାଂଶୁମୋହନ ରାଉତରାୟ ସ୍ମୃତି ସମ୍ମାନ' ଓ ୨୪ତମ ରାଜଧାନୀ ପୁସ୍ତକମେଳା ପୁରସ୍କାର ପ୍ରଦାନ କରାଯାଇଥିଲା। କମିଟିର ଆବାହକ ରମେଶ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ଓ ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ।

# ଗଜାଧାନ ଧରି ତହସିଲ, ଆର୍‌ଆଇଙ୍କ କାର୍ଯ୍ୟାଳୟ ଘେରିଲେ


ବୋଲଗଡ଼ ତହସିଲ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି।


ନିରାକାରପୁର ଆର୍‌ଆଇଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ବିକ୍ଷୋଭ କରୁଛନ୍ତି।

ବୋଲଗଡ଼ / ନିରାକାରପୁର, ୩୦।୧୨ (ଦେବବ୍ରତ ହୋତା /ମାନସ ଚନ୍ଦ୍ର ପଟ୍ଟନାୟକ)

ଲଘୁଚାପଜନିତ ବର୍ଷା ପ୍ରଭାବରେ ଖୋର୍ଦ୍ଧା ଜିଲାରେ ବ୍ୟାପକ ଧାନଫସଲ ନଷ୍ଟ ହୋଇଛି। ବିଲରେ କଟାହୋଇଥିବା ଧାନ ଗଜା ହେଲାଣି। ଅଦିନିଆ ବର୍ଷାରେ ସବୁ ଉଜୁଡ଼ି ଯାଉଥିବା ଦେଖି ଋଣ କିପରି ଶୁଝିବେ ଓ ପରିବାରର ଖର୍ଚ୍ଚ କିପରି ତୁଲାଇବେ ଏହି ଚିନ୍ତାରେ ଚାଷୀମାନେ ଭାଙ୍ଗିପଡ଼ିଛନ୍ତି। ସେହିପରି ମୁଗ, ବିରି, ଚଣା ଆଦି ରବି ଫସଲ ଧୋଇଯାଇଛି। ଫସଲହାନିଜନିତ କ୍ଷତି ଭରଣା ପାଇଁ ସରକାର ଏବଂ ପ୍ରଶାସନ ନିକଟରେ ଚାଷୀ ନିବେଦନ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ସୋମବାର କୃଷକନେତା ରବୀନ୍ଦ୍ର ପରିଡ଼ାଙ୍କ ଆବାହକତ୍ୱରେ ବୋଲଗଡ଼ ମିଳିତ ଚାଷୀ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଶତାଧିକ ଚାଷୀ ଗଜା ହୋଇଥିବା ଧାନବିଡ଼ାକୁ ଧରି ଧାରଣାରେ ସାମିଲ ହୋଇଥିଲେ। ତହସିଲଦାରଙ୍କ ଦାୟିତ୍ୱରେ ଥିବା ଆଡିଶନାଲ ତହସିଲଦାର ଦୀପ୍ତିମୟୀ ଶର୍ମା ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଖରିଫ୍ ଓ ରବି ଚାଷରେ ହୋଇଥିବା କ୍ଷୟକ୍ଷତି ପାଇଁ ସହାୟତା ସହ କୃଷିଋଣ ଛାଡ଼ ଦାବି କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ, ଗୋପୀନାଥ ଖାଡ଼ଙ୍ଗା, ଫକିର ଫତେସିଂହ, ଲଲାଟେନ୍ଦୁ କେଶରୀ ସିଂହ, ନକୁଳ ରାଉତରାୟଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ। ପରେ କୃଷି ଅଧିକାରୀ ସନ୍ତୋଷ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀମାନେ କ୍ଷୟକ୍ଷତି ନେଇ ପଞ୍ଜୀକରଣ କରିବାକୁ ଉଭୟ ଅଧିକାରୀ କହିଥିଲେ। କ୍ଷୟକ୍ଷତି ଆକଳନ ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଭାଗ ପକ୍ଷରୁ କରାଯାଇଥିବା ସୂଚନା ଦେଇଛନ୍ତି।

ସେହିପରି ୯ଦଫା ଦାବିରେ ସିପିଆଇ(ଏମ୍) ଏବଂ ନିରାକାରପୁର, ଡିଆ, ଲେଣ୍ଡୁ ଅଞ୍ଚଳର ଚାଷୀଙ୍କ ପକ୍ଷରୁ ସ୍ଥାନୀୟ ଷ୍ଟେଶନ ବଜାରରୁ ଏକ ଶୋଭାଯାତ୍ରା ବାହାରି ନିରାକାରପୁର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ପହଞ୍ଚିବା ସହ ଘେରାଉ କରିଥିଲେ। ବର୍ଷାରେ ନଷ୍ଟ ହୋଇଥିବା ଧାନଫସଲର ତୁରନ୍ତ ଆକଳନ, ଆକଳନ ସମୟରେ ପ୍ରତି ଗ୍ରାମକୁ ୟୁନିଟ୍ ହିସାବରେ ଗ୍ରହଣକରି କ୍ଷୟକ୍ଷତିର ସମୀକ୍ଷା, ଭାଗଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କ ପାଇଁ କ୍ଷୟକ୍ଷତିର ବ୍ୟବସ୍ଥା, ଚାଷୀଙ୍କ ଋଣଛାଡ଼ ବ୍ୟବସ୍ଥା, ଦୀର୍ଘମିଆଦୀ ସୂତ୍ରରେ ଚାଷୀଙ୍କୁ ଋଣ ଯୋଗାଇଦେବା ବ୍ୟବସ୍ଥା, ଆଗାମୀ ଫସଲ ପାଇଁ ବିନା ମୂଲ୍ୟରେ ସାର, ବିହନ ଯୋଗାଇ ଦିଆଯାଉ, କ୍ଷତିଗ୍ରସ୍ତ ଚାଷୀ ପରିବାରର ବକେୟା ଥିବା ବିଦ୍ୟୁତ୍ ବିଲ୍ ସମ୍ପୂର୍ଣ୍ଣ ଛାଡ଼ କରାଯାଉ, ସ୍କୁଲ ଓ କଲେଜରେ ଅଧ୍ୟୟନରତ ପିଲାମାନଙ୍କ ପରୀକ୍ଷା ଫି' ଓ ଅନ୍ୟାନ୍ୟ ଦେୟ ଛାଡ଼ କରାଯାଉ ଆଦି ଦାବି ରହିଛି। ଏହି ଅବସରରେ ସଞ୍ଜୟ ଲେଙ୍କାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ହୋଇଥିଲା। ସିପିଆଇ(ଏମ୍)ର ଜିଲା ସମ୍ପାଦକ ଗିରିଶ୍ ମହାରଣା, ପୂର୍ବତନ ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ ପ୍ରମୁଖ ସଭାରେ ଉଦ୍‌ବୋଧନ ଦେଇଥିଲେ। ଖବରପାଇ ଟାଙ୍ଗୀ ତହସିଲଦାର ମିତାଲି ପାତ୍ର ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିପିଆଇ(ଏମ୍)ର ବ୍ଲକ ସଭାପତି ବିଦ୍ୟୁଭୂଷଣ ମହାରଣା ପରିଚାଳନା କରିଥିଲେ। ନୃସିଂହ ଦଳେଇ, ଜନ୍ମେଶ୍ୱର ମଙ୍ଗରାଜ, ପ୍ରଫୁଲ୍ଲ ଚନ୍ଦ୍ର ଦଳେଇ, ପ୍ରସନ୍ନ କୁମାର ଚଣ୍ଡ, ଚିତ୍ରସେନ ପ୍ରଧାନ, ସୁକାନ୍ତ ପାତ୍ର, ବିନୋଦ ବିହାରୀ ପ୍ରଧାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ଜନଶୁଣାଣି ଶିବିରରେ ୩୮୦ ଅଭିଯୋଗ


ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ସାଗରିକା ନାଥ ଏବଂ ଅନ୍ୟ ଅଧିକାରୀ।

ନିରାକାରପୁର,୩୦।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କମାଗୁରୁ ପଞ୍ଚାୟତ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୩୮୦ଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ସେଥିମଧ୍ୟରୁ ୩୬୫ଟି ବ୍ୟକ୍ତିଗତ ଏବଂ ୮ଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ରହିଥିଲା। ସେହିପରି ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଜଣେ ହିତାଧିକାରୀଙ୍କୁ ୩୦ହଜାର, ଅନ୍ୟ ଜଣଙ୍କୁ ୧୦ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ଏବଂ ଆଉ ଜଣଙ୍କୁ ୧୫ହଜାର ଟଙ୍କା ରେଡ୍‌କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଏସ୍‌ପି ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ରିସ୍ମା ମାନ୍ଧାତାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପଟେ ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ସହରରେ ଜଣେ ଦିବ୍ୟାଙ୍ଗ ଫଳ ବେପାରୀଙ୍କ କ୍ୟାବିନ ଉଚ୍ଛେଦ ହୋଇଥିବା ନେଇ ଶିବିରରେ ଅଭିଯୋଗ ଶୁଣିବା ପରେ ଜିଲାପାଳ ବିନାମୂଲ୍ୟରେ ଏକ ଜାଗା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି କୃଷ୍ଣ ଚନ୍ଦ୍ର ସାହୁ କହିଛନ୍ତି।

## ସଂକ୍ଷେପରେ

### ଫ୍ରେଣ୍ଡ୍‌ସ ପାରାଡାଇଜ୍ ଜଟଣୀ ଚାମ୍ପିୟନ

ଯାଁଳା,୩୦।୧୨ (ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ନବଜ୍ୟୋତି କ୍ଲବ ମଦନପୁର ଆନୁକୂଲ୍ୟରେ ୧୪ତମ ସର୍ବଭାରତୀୟ ମଦନପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଫ୍ରେଣ୍ଡ୍‌ସ ପାରାଡାଇଜ୍ ଜଟଣୀ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ପତାକା କ୍ଲବ ଅନୁଗୋଳ ଏବଂ ଫ୍ରେଣ୍ଡ୍‌ସ ପାରାଡାଇଜ୍ ଜଟଣୀ ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିବାରୁ ଟାଇବ୍ରେକର ପଦ୍ଧତିରେ ୩-୨ ଗୋଲରେ ଫ୍ରେଣ୍ଡ୍‌ସ ପାରାଡାଇଜ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଶିବ ଶଙ୍କର ପଣ୍ଡା, ଦିଲୀପ ରାଉତ, ଏମ୍.ଏସ୍ ବେଗ୍, ସୁଶାନ୍ତ ମିଶ୍ର ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଭେଟେରାନ୍ ଫୁଟ୍‌ବଲ ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ, ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷ କୁମାର ଜେନା, ପ୍ରଦୋଷ ଜେନା, ଅଜିତ୍ ସାମନ୍ତରାୟ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଆଡ୍‌ଭୋକେଟ ରବି ସାମନ୍ତରାୟ, ଶୁଭେନ୍ଦୁ ସ୍ୱାଇଁ, ବ୍ରଜବନ୍ଧୁ ଛୁଆଳସିଂ, ପ୍ରଦୀପ ବଳିୟାରସିଂ, ତାପସ କୁମାର ବିଦ୍ୟାଧର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଟିମ୍‌କୁ ୧୮ ହଜାର ସହ ଟ୍ରଫି ଏବଂ ରନର୍ସଅପ୍ ଟିମ୍‌କୁ ୧୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି। ଫ୍ରେଣ୍ଡ୍‌ସ ପାରାଡାଇଜ୍ ଟିମ୍‌ର ଅନ୍ତର୍ଯ୍ୟାମୀ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ରଞ୍ଜିତ ନାୟକ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଛେନୁ ପଟ୍ଟନାୟକ ଧନ୍ୟବାଦ ଦେଇଥିବା ବେଳେ ସୌମ୍ୟରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

ବେଗୁନିଆ,୩୦।୧୨ (ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଞ୍ଚଳର ଖବରଦାତା ଶେଖ୍ ଅନୁଅର୍ ଅଲ୍ଲୀଙ୍କ ଜେଜେବାପା ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ହାଜି ଶେଖ୍ ଅବ୍ଦୁଲ ଜଲିଲଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୧୦୨ ବର୍ଷ ହୋଇଥିଲା। ୧୯୮୯ ମସିହା ଜୁନ୍‌ରେ ଅବସର ଗ୍ରହଣ କରିବା ପରେ ସେ ସମାଜର ସେବକଭାବେ ନିଜକୁ ସମର୍ପିତ କରିବା ସହ ଜଣେ କର୍ମଠ, ନିଷ୍ଠାବାନ୍, ପରୋପକାରୀ ଏବଂ ଧର୍ମାବଲମ୍ବୀ ବ୍ୟକ୍ତିଭାବେ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ୨୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅନାଦି ସାହୁ, ଭାଜପା ନେତା ଜିତେନ୍ଦ୍ର ସାହୁଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟବ୍ୟକ୍ତି ରାଉତପଡ଼ା ଗ୍ରାମସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ରାଉତପଡ଼ା ଗ୍ରାମସ୍ଥିତ କବର ସ୍ଥାନରେ ଦୁଇ ପୁଅ ଶେଖ୍ ହାଇଦର ଅଲ୍ଲୀ ଓ ଶେଖ୍ ଅସଗର ଅଲ୍ଲୀଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଭାଜପା ନେତା ଯତୀନ ମହାନ୍ତି ପ୍ରମୁଖ ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି।

# 'ପାଠପଢ଼ା ସହ ଖେଳକୁଦ ଜରୁରୀ'



ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ଦିବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ନିରାକାରପୁର,୩୦।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ୫୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ବିଜୟ କୁମାର ସୁନ୍ଦରାୟ ଯୋଗଦେଇ ପାଠ ପଢ଼ିବା ସହ ଶରୀର ସୁସ୍ଥ ନିମନ୍ତେ ଖେଳକୁଦ ଜରୁରୀ ବୋଲି କ୍ରୀଡ଼ାବିତ୍‌ମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ବ୍ରତତୀ ମିଶ୍ର ପୌରୋହିତ୍ୟ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଜୟନ୍ତ ବାନାର୍ଜୀ, ଡ. ଧନଞ୍ଜୟ ଦାଶ, ଡ. ଅନୁଜା ମିଶ୍ର, ଗିରିଜା ଶଙ୍କର ମହାପାତ୍ର, ରଶ୍ମିତା ଜେନା, ରିଙ୍କି ସେଠ୍, ହରପ୍ରସନ୍ନ ତ୍ରିପାଠୀ, ମାନସ ରଞ୍ଜନ ମହାନ୍ତି, ମନୋଜ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଫାଇନାଲରେ କୁମାରବସ୍ତ

ବେଗୁନିଆ,୩୦।୧୨ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ୍ ସୋମବାର କୁମାରବସ୍ତ ଏବଂ ଭାଲିଆବାଡ଼ି ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କୁମାରବସ୍ତ ପ୍ରଥମେ ବ୍ୟାଟିଂ କରି ୧୬୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡ଼ି ଟିମ୍ ନିର୍ଦ୍ଧାରିତ ଓଭରରେ ୧୪୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଏମ୍‌ପିଜେ ହାୟର ସେକେଣ୍ଡାରି ସ୍କୁଲର ଚେୟାରମ୍ୟାନ୍ ବୀରବର ସଂଗ୍ରାମସିଂହ, ରଜତ ରଞ୍ଜନ ଦାଶ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ କୁମାରବସ୍ତ ଟିମ୍‌ର ଅସୀମା ନନ୍ଦଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

# ୫୬ ଉଠାଦୋକାନୀଙ୍କୁ ପିଣ୍ଡି ଆବଣ୍ଟନ



ଖୋର୍ଦ୍ଧା,୩୦।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ରହିଥିବା କ୍ୟାବିନ ଏବଂ ରାସ୍ତାକଡ଼ ଉଠାଦୋକାନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ହାଇକୋର୍ଟରେ ରହିତାଦେଶ ରହିଥିବା ବ୍ୟବସାୟୀଙ୍କୁ ବାଦ୍ ଦେଲେ ୮୦ କ୍ୟାବିନ ଏବଂ ଉଠା ଦୋକାନକୁ ମିଶାଇ ମୋଟ୍ ୧୩୦ ଦୋକାନ ଗୃହ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ହୋଇଥିବା ୫୬ ଜଣ ଉଠା ପରିବା ଦୋକାନୀଙ୍କୁ ଟିଏଲ୍‌ସ୍ଥିତ ଶ୍ମଶାନ ପଡ଼ିଆରେ ଥଇଥାନ କରାଯାଇଛି।

ସୋମବାର ସନ୍ଧ୍ୟାରେ ପୌର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭେଣ୍ଡିଂ ଜୋନ୍ କମିଟି ଚେୟାରମ୍ୟାନ (ଅଧ୍ୟକ୍ଷା) ତଥା ନିର୍ବାହୀ ଅଧିକାରୀ ରିଜ୍‌ୱାନା କଅକବଙ୍କ ସଭାପତିତ୍ୱରେ ଉଠାଦୋକାନୀଙ୍କୁ ଥଇଥାନ ଉଦ୍ଦେଶ୍ୟରେ ଲଟେରି ଉଠାଯାଇଥିଲା। କମିଟି ସଦସ୍ୟ କାଉନ୍‌ସିଲର କମଳ ପ୍ରଧାନ, ଶୋଭନ ଘୋଷ୍, ହରିହର ପଲେଇ, ନିରଞ୍ଜନ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଲଟେରି ସଂଖ୍ୟା ଅନୁଯାୟୀ ଉଠାଦୋକାନୀଙ୍କୁ ପିଣ୍ଡି ଆବଣ୍ଟନ କରାଯାଇଛି। ଟାଉନ୍‌ହଲ୍ ଛକ, ଫରେଷ୍ଟ କଲୋନୀ ଏବଂ ମେଡିସିନ ପାର୍ଶ୍ୱରେ ଦୋକାନ ଦେଉଥିବା ପରିବା ଓ ଫଳ ଦୋକାନୀଙ୍କୁ ଥଇଥାନ କରାଯାଇଛି। ଏନେଇ ପୌର ନିର୍ବାହୀ ଅଧିକାରୀ କହିଲେ, ପ୍ରାଥମିକ ପର୍ଯ୍ୟାୟରେ ଦୋକାନୀମାନଙ୍କୁ ଜାଗା ଆବଣ୍ଟନ କରାଯାଇଛି। ପରବର୍ତ୍ତୀ ସମୟରେ ୮/୧୦ରେ ପିଣ୍ଡି ଯୋଗାଇ ଦିଆଯିବ। ପିଣ୍ଡି ଖର୍ଚ୍ଚ ପୌର ପ୍ରଶାସନ ବହନ କରିବ। ଦୁଇ ମାସ ସେମାନଙ୍କୁ ଟିକସମୁକ୍ତ କରାଯିବ। ସେଠାରେ ସମସ୍ତ ମୌଳିକ ସୁବିଧା ଉପଲବ୍ଧ କରାଯିବ। ଆଲୋକୀକରଣ, ପାନୀୟଜଳ, ଶୌଚାଳୟ ଏବଂ ପରିବା ଧୋଇବା ପାଇଁ ପାଣିକୁଣ୍ଡ ବ୍ୟବସ୍ଥା କରାଯାଇଛି। କମିଟି ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଦୋକାନ ଗୃହ ଆବଣ୍ଟିତ ହୋଇଥିବା ବେପାରୀଙ୍କ ଚୁକ୍ତିନାମା କରାଯିବ। ଏହି ଦୋକାନ ଅନ୍ୟ କାହାକୁ ଭଡ଼ାରେ ଦେଇପାରିବେ ନାହିଁ। ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବେ। ପରିବା ବର୍ଜ୍ୟ ଏଣେତେଣେ ନ ଫୋପାଡ଼ି ଡଷ୍ଟବିନ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ମଙ୍ଗଳବାରଠାରୁ ଉଠାଦୋକାନୀମାନେ ସହର ମଧ୍ୟରେ ନ ବସି ଆବଣ୍ଟିତ ସ୍ଥାନରେ ଦୋକାନ ଖୋଲିବାକୁ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଟ୍ରେଡ୍ ଲାଇସେନ୍ସ ଚେକିଂକୁ ନେଇ ମୁହାଁମୁହିଁ

ଖୋର୍ଦ୍ଧା,୩୦।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ରବିବାର ପୁରୁଣା ଆଲ୍ଲାହାବାଦ ବ୍ୟାଙ୍କ ଛକରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପାର୍ଶ୍ୱ, ପଞ୍ଚସଖା ଓ ଲକ୍ଷ୍ମୀ ମାର୍କେଟ ଏବଂ ହାବେଳି ପଡ଼ିଆ ସମ୍ମୁଖ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦକୁ ଚାଲେଞ୍ଜ କରି ଟ୍ରାଫିକ୍ ଛକଠାରୁ ଟାଉନ୍‌ହଲ୍ ଛକ ଏବଂ ଟାଉନ ଥାନା ଓ ଡାକ ବିଭାଗ ପାର୍ଶ୍ୱକୁ ଲାଗି ରହିଥିବା ପ୍ରାୟ ୪୪ ଜଣ କ୍ୟାବିନ ବ୍ୟବସାୟୀ ବ୍ୟକ୍ତିଗତ ଭାବେ ହାଇକୋର୍ଟରୁ ଦୁଇଟି ପର୍ଯ୍ୟାୟରେ ରହିତାଦେଶ ଆଣିଛନ୍ତି। ଏହି ବ୍ୟବସାୟୀଙ୍କ ଦୋକାନ ଉଚ୍ଛେଦକୁ ବାଦ୍ ଦିଆଯାଇଥିବା ବେଳେ ସୋମବାର ପୂର୍ବାହ୍ନରେ ହଠାତ୍ ଉକ୍ତ ଦୋକାନଗୁଡ଼ିକର ଟ୍ରେଡ୍ ଲାଇସେନ୍ସ ଚେକିଂକୁ ନେଇ ବିବାଦ ଉଠିଥିଲା। ପୌର ପ୍ରଶାସନର ଟ୍ୟାକ୍ସ କଲେକ୍ଟରମାନେ ରହିତାଦେଶ ରହିଥିବା ଦୋକାନୀମାନଙ୍କ ଟ୍ରେଡ୍ ଲାଇସେନ୍ସ ମାଗିଥିଲେ। ଯେଉଁମାନେ ଚଳିତବର୍ଷ ଲାଇସେନ୍ସ ପୁନଃ ପଞ୍ଜୀକରଣ କରିନାହାନ୍ତି, ସେମାନଙ୍କୁ ଦୋକାନ ବନ୍ଦ କରିବାକୁ କହିଥିଲେ। ଏନେଇ ଟାଉନ୍‌ହଲ୍ ଛକରେ କେତେଜଣ ବ୍ୟବସାୟୀ ଏବଂ ପୌର କର୍ମଚାରୀ ମୁହାଁମୁହିଁ ହୋଇଥିଲେ। ପୂର୍ବରୁ ଟ୍ରେଡ୍ ଲାଇସେନ୍ସ କଥା କୁହାଯାଉ ନ ଥିବା ବେଳେ ହଠାତ୍ ଆକ୍ରୋଶମୂଳକଭାବେ ଟାର୍ଗେଟ୍ କରାଯାଉଛି ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି। ହାଇକୋର୍ଟଙ୍କ ରହିତାଦେଶ ରହିଥିବା ବେଳେ ଦୋକାନ ବନ୍ଦ କରିବାକୁ ବାଧ୍ୟ କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପୌର ପ୍ରଶାସନ ଅବମାନନା କରୁଛି ବୋଲି ଗଣମାଧ୍ୟମରେ କହିଛନ୍ତି। ଅନ୍ୟପଟେ ଏନେଇ ପୌର ନିର୍ବାହୀ ଅଧିକାରୀ ରିଜ୍‌ୱାନା କଅକବ କହିଛନ୍ତି, ପୌରାଞ୍ଚଳରେ ଦୋକାନ କରିବାକୁ ହେଲେ ଲାଇସେନ୍ସ ନେବାକୁ ପଡ଼ିଥାଏ। ସମୟ ବ୍ୟବଧାନରେ ଏହାକୁ ରିନ୍ୟୁଆଲ (ପୁନଃ ପଞ୍ଜୀକରଣ) ପାଇଁ କୁହାଯାଉଛି। ଦୋକାନୀଙ୍କ ଲାଇସେନ୍ସ ଯାଞ୍ଚ କରିବାକୁ ଟ୍ୟାକ୍ସ କଲେକ୍ଟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଯେଉଁମାନେ କରିନାହାନ୍ତି, ସେମାନଙ୍କୁ ରିନ୍ୟୁଆଲ କରିବାକୁ କୁହାଯାଇଛି। ରହିତାଦେଶ ଆଳ ଦେଖାଇ ପୌର ପ୍ରଶାସନକୁ ବଦନାମ କରିବାକୁ ଅପଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

## ଚୁକ୍ତିନାମା କଲେ ୯୧ ବ୍ୟବସାୟୀ

ପ୍ରାଥମିକ ପର୍ଯ୍ୟାୟରେ ପୁରୁଣା ଆଲ୍ଲାହାବାଦ ଛକଠୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପାର୍ଶ୍ୱ, ଟ୍ରାଫିକ୍ ଛକଠାରୁ ସମବାୟ ଛକ, ପଞ୍ଚସଖା ଓ ଲକ୍ଷ୍ମୀ ମାର୍କେଟ, ଟାଉନ୍ ଥାନା ଓ ଡାକ ବିଭାଗ ପାର୍ଶ୍ୱରେ ଦୋକାନ ଉଚ୍ଛେଦ ଆରମ୍ଭ ହୋଇଛି। ଏନେଇ ଡିସେମ୍ବର ୬ରେ ଭେଣ୍ଡିଂ ଜୋନ୍ କମିଟି ଉପସ୍ଥିତିରେ ପରିବା, ଫଳ, ପୂଜା ଦୋକାନ(୫୪୦ କ୍ୟାବିନ ବ୍ୟବସାୟୀ ଅନ୍ତର୍ଭୁକ୍ତ)କୁ ମିଶାଇ ୧୬୬ ଜଣ ବ୍ୟବସାୟୀଙ୍କ ନାମରେ ଲଟେରି ଉଠାଯାଇଛି। ଯାହାଙ୍କ ନାଁରେ ଯେଉଁ ଦୋକାନଘର ଉଠିଛି, ତାହା ସେମାନଙ୍କୁ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଇଛି। ସେଥିରୁ ପ୍ରଥମେ ୬୧ ଏବଂ ପରବର୍ତ୍ତୀ ସମୟରେ ୩୦ ମୋଟ ୯୧ ଜଣ ବ୍ୟବସାୟୀ ପୌର ପ୍ରଶାସନ ସହ ଚୁକ୍ତିନାମା କରି ଆବଣ୍ଟିତ ଗୃହ ଗ୍ରହଣ କରିଛନ୍ତି। ପୂର୍ବରୁ ହାବେଳି ପଡ଼ିଆରେ ଥଇଥାନ ପାଇଁ ୩ ହଜାର ଟୋକନ ଦେଇଥିବା ବ୍ୟବସାୟୀଙ୍କୁ ସିକ୍ୟୁରିଟି ଡିପୋଜିଟ୍ ଛାଡ଼ କରାଯାଇଛି। ଅନ୍ୟମାନେ ଦୋକାନ ଘର ପିଛା ଏକକାଳୀନ ପାଇଁ ୨୦ ହଜାର ଏବଂ କିସ୍ତିରେ ଦେଲେ ୨୨ ହଜାର ଟଙ୍କା ପଇଠ କରିବେ।

# ଦେଉଳଟାଙ୍ଗୀ, ପାତ୍ରପଡ଼ା ବିଜୟୀ

ଖୋର୍ଦ୍ଧା,୩୦।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁରାଡ଼ମଲ୍ଲ ମା' ବାଉତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଦେଉଳଟାଙ୍ଗୀ ଏବଂ ପାତ୍ରପଡ଼ା ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଦେଉଳଟାଙ୍ଗୀ ଏବଂ ଅଠାରଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ଦେଉଳଟାଙ୍ଗୀ ପ୍ରଥମେ ବ୍ୟାଟିଂକରି ୧୨ ଓଭରରେ ୯ ଉଇକେଟ ହରାଇ ୧୦୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଅଠାରଙ୍ଗ ଟିମ୍ ୧୨ ଓଭରରେ ୯ ଉଇକେଟ ବିନିମୟରେ ୮୭ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ବିକ୍ରମ ସ୍ୱାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ପାନବରଜ ଏବଂ ପାତ୍ରପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ପାନବରଜ ଟିମ୍ ପ୍ରଥମେ ବ୍ୟାଟିଂକରି ୧୫ ଓଭରରେ ୬ ଉଇକେଟ ବିନିମୟରେ ୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ ପାତ୍ରପଡ଼ା ଟିମ୍ ୧୨ ଓଭରରେ ୪ ଉଇକେଟ ହରାଇ ୯୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା।

## ରାଜ୍ୟସ୍ତରୀୟ ଦିବାରାତ୍ର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ
# ଭୁବନେଶ୍ୱର ଚାମ୍ପିୟନ



ବାଲୁଗାଁ,୩୦।୧୨ (ସଂଗ୍ରାମ ପାଇକରାୟ)

ବାଲୁଗାଁସ୍ଥିତ ମା' ମଙ୍ଗଳା ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ନଗରଠାରେ ରବିବାର ଦ୍ୱିତୀୟ ରାଜ୍ୟସ୍ତରୀୟ ଦିବାରାତ୍ର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବାଲୁଗାଁ ନଗରପାଳିକା ସୁକାନ୍ତି ପାଇକରାୟ, ଧୋବା ବିଶ୍ୱାଳ ଏବଂ ବିନୋଦ ମହାରଣା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୩୨ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ଟିମ୍ ୨-୧ ସେଟ୍‌ରେ ଅନୁଗୋଳକୁ ହରାଇ ଚାମ୍ପିୟନ ହୋଇଛି। ବିଜୟୀ ଟିମ୍‌ର ତନ୍ମୟ ସାହୁ ଏବଂ ଚନ୍ଦ୍ର କେଡ଼ିଙ୍କୁ ୨୫ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଛି। ସେହିପରି ରନର୍ସଅପ୍ ଟିମ୍‌ର ଅର୍ନିବନ ମଣ୍ଡଳ ଏବଂ ପାରସ ମାଥୁରଙ୍କୁ ୧୫ହଜାର, ତୃତୀୟ ସ୍ଥାନ ହାସଲ କରିଥିବା ବଲାଙ୍ଗୀର ଟିମ୍‌ର ସୋନୁ ଓ ପ୍ରତୀକଙ୍କୁ ୫ ହଜାର ଏବଂ ଚତୁର୍ଥ ବିଜୟୀ ଟିମ୍ ଅନୁଗୋଳର ଅମ୍ଳାନ୍ ଗଡ଼ନାୟକ ଓ ଅନିର୍ବାଣ ସାମନ୍ତଙ୍କୁ ୪ ହଜାର ଟଙ୍କା ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଦେବୀଦତ୍ତ ଦାସ, ସୌରଭ ପାଇକରାୟ ଏବଂ ଶାହାଜାହାନ କଳାପାହାଡ଼ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ନ୍ୟାୟ ପାଇଁ ଡିଜିପି କ୍ୟାମ୍ପ ଅଫିସ ଆଗରେ ଧାରଣା

ଭୁବନେଶ୍ୱର,୩୦।୧୨ (ସତ୍ୟଜିତ୍ ରାଉତ)

ଜଟଣୀ ଥାନା ଅଞ୍ଚଳରେ ଘଟିଥିବା ଏକ ନବବଧୂ ହତ୍ୟା ମାମଲାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ପରିବାର ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ମୃତା ଜ୍ୟୋସ୍ନାମୟୀ ଆଚାର୍ଯ୍ୟଙ୍କ ବାପା ରଘୁନାଥ ଆଚାର୍ଯ୍ୟ, ମା' ଜୟନ୍ତୀ, ଭଉଣୀଙ୍କ ସହ ସାମାଜିକ କର୍ମୀ ବିନ୍ଦୁଜା ଉପାଧ୍ୟାୟ ସୋମବାର ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସ ସାମ୍ନାରେ ଧାରଣାରେ ବସି ନ୍ୟାୟ ମାଗିଛନ୍ତି।

ଜଟଣୀ ତରାବୋଇ ଅଞ୍ଚଳର ଚିନ୍ମୟ କୁମାର ରଥଙ୍କ ସହ ଗତ ଜୁଲାଇ ୧୨ରେ ଜ୍ୟୋସ୍ନାମୟୀଙ୍କ ବିବାହ ହୋଇଥିଲା। ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ହେଲେ ଶ୍ୱଶୁରଘର ଲୋକେ ଯୌତୁକ ଦାବିକରି ଜ୍ୟୋସ୍ନାମୟୀଙ୍କୁ ନିର୍ଯାତନା ଦେଉଥିଲେ। ଗତ ସେପ୍ଟେମ୍ବର ୧୦ରେ ଜ୍ୟୋସ୍ନାମୟୀଙ୍କ ଶାଶୁଘରେ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ତେବେ ଝିଅକୁ ହତ୍ୟା କରି ଫ୍ୟାନ୍‌ରେ ଝୁଲାଇ ଦିଆଯାଇଥିବା ରଘୁନାଥ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବାରୁ ପରିବାର ଲୋକେ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଡିସେମ୍ବର ୨୩ରେ ମା'ବାପା ଭୁବନେଶ୍ୱର ଅତିରିକ୍ତ ଡିସିପି ସଞ୍ଜୟ କୁମାର ମହାପାତ୍ରଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଘଟଣାରେ ସମସ୍ତ ପଦକ୍ଷେପ ନିଆଯିବା ସହ ଜୋନ୍-୩ ଏସିପି ମାମଲାରେ ଅନୁସନ୍ଧାନ କରିବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏହି ପ୍ରତିଶ୍ରୁତିକୁ ୭ଦିନ ବିତିଯାଇଥିବାବେଳେ ତଦନ୍ତ ନ ଆଗେଇବାରୁ ପରିବାର ଲୋକ ଧାରଣା ଦେବାକୁ ବାଧ୍ୟ ହୋଇଥିବା ସେମାନେ କହିଛନ୍ତି। ଏହି ଘଟଣାରେ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ହସ୍ତକ୍ଷେପ କରିବା ସହ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ମାମଲାର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଛି।

## ନବବଧୂ ହତ୍ୟା ମାମଲା: ପଦକ୍ଷେପ ନେଉନି ଜଟଣୀ ପୋଲିସ


ଡିଜିପି କ୍ୟାମ୍ପ ଅଫିସ ସମ୍ମୁଖରେ ମୃତାଙ୍କ ପରିବାର ସଦସ୍ୟ ଧାରଣାରେ ବସିଛନ୍ତି।

**'ଦିବ୍ୟାଲୋକ ସନ୍ଧାନେ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ**

କଟକ,(କାର୍ତ୍ତିକ ସାହୁ): ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ଜାନୁଆରୀ ସ୍ୱତନ୍ତ୍ର ସଂଖ୍ୟାକୁ ଅନ୍ତର୍ଜାତୀୟ କ୍ରିୟାଯୋଗ ମିଶନ ଅଧ୍ୟକ୍ଷ ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦ ମହାରାଜ ଉନ୍ମୋଚନ କରିଛନ୍ତି। ତେଲେଙ୍ଗାପେଣ୍ଠାରେ ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଶରତ କୁମାର ରଥଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଧାତ୍ମିକ ପ୍ରବକ୍ତା ଶ୍ରୀ ସନ୍ୟାସୀ ଜୀ, କଟକ ସଦର ଥାନାଞ୍ଚଳ ଶାନ୍ତି କମିଟିର ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ପତ୍ରିକାର କାର୍ଯ୍ୟକାରୀ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ପ୍ରସାର ଅଧିକାରୀ ସନ୍ୟାସିନୀ ଆରତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା ସମ୍ପାଦକ ଇଂ. ବିପ୍ଳବ ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପେଟ୍ରୋଲ ଟ୍ୟାଙ୍କର ଧକ୍କାରେ ସାଇକେଲ ଆରୋହୀ ମୃତ

ସାଲେପୁର,୩୦।୧୨(ଅରବିନ୍ଦ ଭୂୟାଁ )

ସାଲେପୁର-କେନ୍ଦ୍ରାପଡ଼ା ରାସ୍ତା ସାଲେପୁରର ଥାନା ଛକ ନିକଟରେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଆସୁଥିବା ଏକ ପେଟ୍ରୋଲ ଟ୍ୟାଙ୍କର ଧକ୍କାରେ ସୋମବାର ରାତିରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କୁଳିଆ ଅଞ୍ଚଳର ଅର୍ଜ୍ଜୁନ ଶତପଥୀ(୪୮)। ସେ ବଟେଶ୍ୱର ଗ୍ରାମର ଶିଶୁମନ୍ଦିର ରୋଡ୍‌ରେ ରହୁଥିଲେ। ସେ ଏକ ଯାତ୍ରୀବାହୀ ବସ୍‌ରେ ହେଲ୍‌ପର ଭାବେ କାର୍ଯ୍ୟ କରୁଥିଲେ। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କରକୁ ଜବତ କରିବା ସହଏହାର ଚାଳକ ଓ ହେଲ୍‌ପରକୁ ଥାନାରେ ଅଟକ ରଖିଛି। ଏଥିସହ ମୃତଦେହ ଜବତକରି ସାଲେପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି।

### ନିଶାମୁକ୍ତି କେନ୍ଦ୍ରର ଅନ୍ତେବାସୀଙ୍କ ପକ୍ଷରୁ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଚୌଦ୍ୱାର,୩୦।୧୨(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ପରିବର୍ତ୍ତନ ନାବାଳକ ନିଶାମୁକ୍ତି କେନ୍ଦ୍ରର ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ବିଭିନ୍ନ ସାମଗ୍ରୀର ଏକ ବିକ୍ରୟ କେନ୍ଦ୍ର ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଗାନ୍ଧୀ ଛକସ୍ଥିତ ମାର୍କେଟ କମ୍ପ୍ଲେକ୍ସରେ ପ୍ରତିଷ୍ଠିତ ଏହି ବିକ୍ରୟ କେନ୍ଦ୍ରକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ଉଦ୍ଧାର ଫାଉଣ୍ଡେଶନ ପ୍ରତିଷ୍ଠାତା ଭାରତୀ ଦାସ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନ୍‌ସିଲର ସୁବ୍ରତ ସାମଲ, ଆଶୁତୋଷ ଦାସ, ରଙ୍ଗଲତା ସାହୁ, ସବିତା ମାହାଳି, ପୂର୍ବତନ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ମନ୍ଦାକିନୀ ଜେମା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍ଧାର ଫାଉଣ୍ଡେଶନ ଅଧ୍ୟକ୍ଷ ନରୋତ୍ତମ ଦାସ, କିରଣବାଳା ନାୟକ, ଗୋଲାପ ସିଂ, ମୀନା ଚୌଧୁରୀ, ଖୁଲଣା ଲେଙ୍କା, ପ୍ରିୟଙ୍କା ଦାସ, ବଦ୍ରି ନାରାୟଣ ଅଧିକାରୀ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନଯୋଗ୍ୟ, ନିଶାର କବଳିତ ହୋଇ କୁପଥଗାମୀ ହେଉଥିବା ନାବାଳକଙ୍କୁ ଉକ୍ତ କେନ୍ଦ୍ରରେ ରଖାଯାଇ ନିଶା ଅଭ୍ୟାସରୁ ସେମାନଙ୍କୁ ମୁକ୍ତ କରିବାର ପ୍ରୟାସ ସହିତ ସେମାନଙ୍କ ସୃଜନ ଶକ୍ତିର ବିକାଶ ଦିଗରେ ପ୍ରୟାସ କରାଯାଉଛି।

# ଗଜାଧାନ ଧରି ତହସିଲଦାରଙ୍କୁ ଘେରିଲେ ଚାଷୀ

ନିଶ୍ଚିନ୍ତକୋଇଲି,୩୦।୧୨(ଅଶୋକ କୁମାର ମହାପାତ୍ର)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। କ୍ଷେତରେ ବହୁଏକର ଧାନ କଟାହୋଇ ବିଲରେ ଗଜା ହେବା ସହ ପଚି ନଷ୍ଟ ହୋଇଯାଇଛି। ଲଗାଣ ବର୍ଷାରେ ପରିବା ଚାଷୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିଯୋଗୁ ଚାଷୀଙ୍କ ଆର୍ଥିକମାନଦଣ୍ଡ ଭୁଷୁଡ଼ି ଯାଇଥିବାବେଳେ ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ସହ ଠିକ୍ ଢଙ୍ଗରେ କ୍ଷୟକ୍ଷତିର ଆକଳନ ପାଇଁ ଦାବି କରାଯାଇଛି। ଚାଷୀଙ୍କ ସହ ବ୍ଲକ ବିଜୁ ଜନତା ଦଳ କର୍ମୀ ସାମିଲ ହୋଇ ସୋମବାର ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରିଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତରେ ଶତାଧିକ ହେକ୍ଟର ଜମିରେ ଧାନ ଗଜା ହୋଇ ନଷ୍ଟ ହୋଇଥିଲେ ମଧ୍ୟ ଅଦ୍ୟାବଧି ପ୍ରଶାସନ କ୍ଷୟକ୍ଷତି ଆକଳନ କରି ନ ଥିବା ବେଳେ ସହାୟତା ପ୍ରଦାନ ପାଇଁ ଟାଳଟୁଳ ନୀତି ପୋଷଣ କରୁଛି ବୋଲି ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି କହିଛନ୍ତି। ତାଙ୍କ ନେତୃତ୍ୱରେ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜ୍ୟୋତିପ୍ରକାଶ ସ୍ୱାଇଁ, ପୂର୍ବତନ ସରପଞ୍ଚ କ୍ଷୀରୋଦଚନ୍ଦ୍ର ପଣ୍ଡା, ଜିଲାପରିଷଦ ସଭ୍ୟ ଭୁପତି ଭୁଷଣ ଷଣ୍ଢ, ବିପ୍ଳବକେଶରୀ କାପ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ଜୟଦେବ ରାଉତ, ସମିତି ସଭ୍ୟ ପ୍ରଦୋଶ ସାହୁ ସମେତ ଶତାଧିକ ଚାଷୀ ଏକ ଶୋଭାଯାତ୍ରାରେ ଯାଇ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଜା ଧାନ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ସହ ମଣ୍ଡିରେ ବିକ୍ରିପାଇଁ ଧାନର ମାନ ଚାଷୀଙ୍କୁ ସୁହାଇଲା ଭଳି ମାର୍ଗଦର୍ଶିକା ଜାରି କରିବାକୁ ଦାବି କରିଥିଲେ। ଏଥିସହ ସେମାନଙ୍କୁ ସହାୟତା, କ୍ଷତିପୁରଣ ଓ ବୀମା ସହାୟତାରାଶି ପ୍ରଦାନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ଅନିତା ନାୟକ କହିଛନ୍ତି କ୍ଷୟକ୍ଷତି ଆକଳନ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଯୋଗ୍ୟ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରିତ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ସହାୟତା ପ୍ରଦାନ କରାଯାଇଛି।


ତହସିଲଦାରଙ୍କୁ ବିଜେଡି କର୍ମୀ ଓ ଚାଷୀମାନେ ଗଜା ଧାନକେଣ୍ଡା ଦେଖାଉଛନ୍ତି।


କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ସୋମବାର ଗଡ଼ଗଡ଼ିଆ ମନ୍ଦିର ରିଂରୋଡ୍ ପାର୍ଶ୍ୱସ୍ଥ କାଳୀଚରଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ପାନୀୟଜଳ ଅପଚୟକାରୀଙ୍କ ଉପରେ କଡ଼ା ଆଭିମୁଖ୍ୟ

## ୧୦୧ ଅଭିଯୋଗ ଶୁଣିଲେ ଜିଲାପାଳ

କଟକ ସଦର,୩୦।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକସ୍ତରୀୟ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ୧୦୧ଟି ଅଭିଯୋଗର ଶୁଣାଣି କରିଥିଲେ। ବିଶୁଦ୍ଧ ପାନୀୟ ଜଳ ଅପଚୟ କରୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ ପାଇଁ ବିଭାଗୀୟ ଯନ୍ତ୍ରୀ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘରକୁ ମିଳୁଥିବା ମାଗଣା ଜଳ ସଂଯୋଗକୁ ବିଲରେ ମଡାଇ ଅପଚୟ କରୁଥିବା ବ୍ୟକ୍ତିଙ୍କ ସଂଯୋଗ ବିଚ୍ଛିନ୍ନ କରିବାକୁ ସିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ବର୍ଷାରେ ଧାନ ଫସଲ ନଷ୍ଟ, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ପାଇ ନ ଥିବା ଭଳି ଅଭିଯୋଗ ଆସିଥିଲା। ୬ ମାସ କାଳ ଭିନ୍ନ ଭିନ୍ନ ସମୟରେ ଜିଲାପାଳଙ୍କୁ ଜଣାଇ କୌଣସି ଫଳ ମିଳୁନାହିଁ ବୋଲି ଧରିଣା ପଞ୍ଚାୟତର ଘନଶ୍ୟାମ ସେଠୀ ମଧ୍ୟ ପାଳଟା ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ, ଡିସିପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ଶିବୋ ଟପୋ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ସିଡିଏମ୍‌ଓ ଡ. ରଞ୍ଜନ କୁମାର ସିଂ, ବିଡିଓ ପ୍ରତୀକ କୁମାର ସାହୁ ପ୍ରମୁଖ ଜନଶୁଣାଣିରେ ସହଯୋଗ କରିଥିଲେ।

# ନବବର୍ଷ ପାଳନ କରିବେ ନାହିଁ ସୋଫିଆ, ମୋକିମ

କଟକ,୩୦।୧୨(ଶିପ୍ରା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ ନୂଆବର୍ଷ ପାଳନ କରିବେ ନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂଙ୍କ ବିୟୋଗରେ ଦେଶ ରାଷ୍ଟ୍ରୀୟ ଶୋକ ପାଳନ କରୁଥିବାବେଳେ ତାହାକୁ ଦୃଷ୍ଟିରେ ରଖି ଏହି ଦୁଇ ନେତା ନବବର୍ଷ ପାଳନ ନ କରିବାକୁ ନିଷ୍ପତ୍ତି ନେଇଥିବା ସୋମବାର ବିଧାୟିକା ସୋଫିଆଙ୍କ କାର୍ଯ୍ୟାଳୟରୁ ଜାରି ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

# ଲକ୍ଷାଧିକ ଟଙ୍କାର ଶାଗୁଆନ ଗଛ କାଟିନେଲେ ଦୁର୍ବୃତ୍ତ

## ସୁରକ୍ଷା କର୍ମୀ ଦାୟିତ୍ୱକୁ ନେଇ ସନ୍ଦେହ

ଟିଗିରିଆ,୩୦।୧୨(ଜାଫର ଖାଁ)

ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣାଠାରେ ବନ୍ଦ ହୋଇ ପଡ଼ିଥିବା ଶ୍ରୀଜଗନ୍ନାଥ ସମବାୟ ସୂତାକଳର ଉତ୍ତର ପାର୍ଶ୍ୱ ପାଚେରି ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଶାଗୁଆନ ଗଛ କାଟି ନେଇଛନ୍ତି। ୫ ଦିନ ପୂର୍ବେ ଏହି ଘଟଣା ଘଟିଥିଲେ ମଧ୍ୟ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଟିଗିରିଆ ଥାନା କିମ୍ବା ବନ ବିଭାଗ ପାଖରେ କୌଣସି ଅଭିଯୋଗ କରି ନ ଥିବା ସମସ୍ତଙ୍କୁ ଚକିତ କରିଛି। ୦୦୫ରୁ ଉକ୍ତ ସୂତାକଳ ବନ୍ଦ ହୋଇପଡ଼ିଛି। ଏହାର ସୁରକ୍ଷା ପାଇଁ ସୁରକ୍ଷା କର୍ମୀ ନିଯୁକ୍ତି ହୋଇ ବାର୍ଷିକ ୫ ଲକ୍ଷ ଟଙ୍କା ଦରମା ନେଉଥିଲେ ମଧ୍ୟ ଚୋରି କିପରି ହେଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଆଠଗଡ ସହକାରୀ ବୟନ ନିର୍ଦ୍ଦେଶକ ଶ୍ରୀକାନ୍ତ ନାଏକଙ୍କୁ ପଚାରିବାରେ , ଗଛ କଟା ହୋଇଯିବା କଥା ଜାଣି ଟିଗିରିଆ ପୋଲିସ ଘଟଣାସ୍ଥଳକୁ ଯାଇଥିଲା । କିନ୍ତୁ ଆମେ ଅଭିଯୋଗ କରି ନ ଥିଲୁ ଖୁବ୍‌ଶୀଘ୍ର ଏନେଇ ଅଭିଯୋଗ କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ସୂତାକଳ ସୁରକ୍ଷା କମିଟି ସଭାପତି ରବୀନ୍ଦ୍ର କୁମାର ଜେନା କୁହନ୍ତି, ସୂତାକଳର ସୁରକ୍ଷା ପାଇଁ ୭ ଜଣ ସୁରକ୍ଷା କର୍ମୀ ଏଜେନ୍ସି ମାଧ୍ୟମରେ ନିଯୁକ୍ତି ପାଇ ବର୍ଷକୁ ଲକ୍ଷାଧିକ ଟଙ୍କା ଦରମା ନେଉଥିଲେ। ମାତ୍ର ୩ ଜଣ ଦାୟିତ୍ୱ ତୁଲାଉଛନ୍ତି । ସୂତାକଳରୁ ମୂଲ୍ୟବାନ୍ ସାମଗ୍ରୀ ଚୋରି କରିବାରେ ସୁରକ୍ଷା କର୍ମୀଙ୍କ ହାତଥିବା ନେଇ ସେ ସନ୍ଦେହ ପ୍ରକଶ କରିଛନ୍ତି।

# ଓଡ଼ିଆ ଭାଷାକୁ ଦେଶର କୋଣ ଅନୁକୋଣରେ ପ୍ରଚାରପ୍ରସାର କରିବା ଆବଶ୍ୟକ

## ଅଂଶୁପା ସ୍ନାତକ ମହାବିଦ୍ୟାଳୟରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

ବାଙ୍କୀ,୩୦।୧୨(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଅଂଶୁପା ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଭାଷାର ବର୍ତ୍ତମାନ ଓ ଭବିଷ୍ୟତ ଆଲୋଚନାଚକ୍ର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ପ୍ରାଧାପିକା ଅନୁପମା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଧରଣୀଧର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ନୀଳମାଧବ ସ୍ନାତକ ମହାବିଦ୍ୟାଳୟ ପ୍ରାଧାପକ ଡ. ନିରୋଦ କୁମାର ମନ୍ତ୍ରୀ ଉମପଡା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଓଡ଼ିଆ ଭାଷାକୁ ଦେଶର କୋଣ ଅନୁକୋଣରେ ପ୍ରଚାର ପ୍ରସାର କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ର ଅମିୟ ପ୍ରକାଶ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରଜିତା ସ୍ୱାଇଁ , ପରେଶ କୁମାର ବେଉରା , ବିକାଶ ଚନ୍ଦ୍ର ରାଉତ, କେଶବ ଚନ୍ଦ୍ର ସାହୁ, ପ୍ରିୟମ୍ବଦା ଚୌଧୁରୀ, ସଞ୍ଜୟ କୁମାର ପ୍ରଧାନ, ମନୋରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ବିଭାଗ ଛାତ୍ର ଅଙ୍କିତ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଧାପିକା ଅନୁପମା ସାମଲ ଧନ୍ୟବାଦ ଜଣାଇଥିଲେ।


ଯୋବ୍ରାସ୍ଥିତ ମାରିଟାଇମ ମ୍ୟୁଜିୟମ୍ ପରିସରରେ ସୋମବାର କମିଶନରେଟ୍ ପୋଲିସ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ଡିସିପି ଜଗମୋହନ ମୀନା ରକ୍ତ ଦାନ କରୁଛନ୍ତି।

# ଚାକିରି ନିୟମିତ କରିବାକୁ ଦାବି

## ବିଧାୟକଙ୍କୁ ଦାବିପତ୍ର ଦେଲା ରାଜ୍ୟ ଗୋଷ୍ଠୀ ସମ୍ବଳ କର୍ମୀ ସଂଘ

ନିଶ୍ଚିନ୍ତକୋଇଲି,୩୦।୧୨(ଅଶୋକ କୁମାର ମହାପାତ୍ର)

ରାଜ୍ୟ ଗୋଷ୍ଠୀ ସମ୍ବଳ କର୍ମୀ ସଂଘ ତରଫରୁ ମାହାଙ୍ଗା ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ୧୯ ବର୍ଷ ହେଲା କାର୍ଯ୍ୟ କରିଆସୁଥିବା କର୍ମଚାରୀମାନଙ୍କ ଚାକିରୀକୁ ନିୟମିତ କରିବା ପାଇଁ ସଂଘ ପକ୍ଷରୁ କୁହାଯାଇଛି। ଦୀଘ ବର୍ଷ ଧରି ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ୨୦୦୬ରୁ ସର୍ବଶିକ୍ଷା ଅଭିଯାନ ତରଫରୁ ଓପେପା ଅଧୀନରେ ଚୁକ୍ତିଭିତ୍ତିକ ଭାବେ ଗୋଷ୍ଠୀ ସମ୍ବଳ କର୍ମୀ କାର୍ଯ୍ୟ କରିଆସୁଛନ୍ତି। ରାଜ୍ୟରେ ଥିବା ୮୨,୬୭୬ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରିବା ସହ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବା ନିମନ୍ତେ ଗୋଷ୍ଠୀ ସମ୍ବଳ କର୍ମୀମାନେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଛନ୍ତି। ଭାରତୀୟ ପୁନର୍ବାସ ପରିଷଦ, ନୂଆଦିଲ୍ଲୀଙ୍କ ଦ୍ୱାରା ଏହି ସଂଘ ପଞ୍ଜୀକୃତ ହୋଇଛି। ଏହା ସିଟି ଓ ବିଇଡି ସମକକ୍ଷ ଅଟେ। ଏହି କର୍ମୀମାନେ ଦୀର୍ଘ ୧୯ ବର୍ଷ ହେଲା କାର୍ଯ୍ୟ କରିଆସୁଥିଲେ ମଧ୍ୟ ସେମାନଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ଦିଆଯାଉନାହିଁ। ସମାନ କାମକୁ ସମାନ ଦରମା ଦାବିରେ ସେମାନଙ୍କୁ ମାନ୍ୟତା ପ୍ରଦାନ ନିମନ୍ତେ ସଂଘର କାର୍ଯ୍ୟକର୍ତ୍ତା ଆନନ୍ଦମୟୀ ବେଉରା, ଅନିଳା ଷଡ଼ଙ୍ଗୀ, ଗାୟତ୍ରୀ ବଳ, ଦୀପ୍ତିମୟୀ ରାଉତରାୟ, ସାରଦା ଦେବୀ ଓ ରଞ୍ଜିତ ମଲିକ ପ୍ରମୁଖ ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କ ନିକଟରେ ଦାବି କରିଛନ୍ତି।

# ସମସ୍ୟାର ତୁରନ୍ତ ସମାଧାନ କର: ସୋଫିଆ


ବିଧାୟିକା ସୋଫିଆ ଫିର୍ଦ୍ଦୋସ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କଟକ,୩୦।୧୨(ଶିପ୍ରା ପ୍ରିୟଦର୍ଶିନୀ)

ବିକାଶ ଭବନରେ ସୋମବାର ସିଏମ୍‌ସି ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ୱାର୍ଡର ବାସିନ୍ଦା ଉପସ୍ଥିତ ରହି ନାଳନର୍ଦ୍ଦମା ସଫା, ପରିମଳ, ରାସ୍ତାଘାଟ, ଆଲୋକ, ଭେଣ୍ଡିଂଜୋନ୍, ମଶା ଦୌରାତ୍ମ୍ୟ ଆଦି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଜଣାଇଥିଲେ। ଏ ନେଇ ବିଧାୟିକା ଫିର୍ଦ୍ଦୋସ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହିତ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ସିଏମ୍‌ସି କମିଶନର ଅନାମ ଚନ୍ଦ୍ର ପାତ୍ର, ନଗର ଯନ୍ତ୍ରୀ ଅତୁନ ସାମନ୍ତ ଓ ସମସ୍ତ ବିଭାଗର ଯନ୍ତ୍ରୀ ଯୋଗଦେଇଥିଲେ। କର୍ପୋରେଟର ସନ୍ତୋଷ ଭୋଳ, ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ଶୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡା, ବଟକୃଷ୍ଣ ସାହୁ, ଭାନୁ ସେନାପତି, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ଅମ୍ରିତା ଦାସ, ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆବର୍ଷ ପାଇଁ ଲିଲିୟମ, ଅର୍ଚ୍ଚିଡ୍ ଫୁଲର ଚାହିଦା ଅଧିକ

କଟକ,୩୦।୧୨(ଶିପ୍ରା ପ୍ରିୟଦର୍ଶିନୀ)



ଦିନକ ପରେ ନୂତନ ବର୍ଷ-୨୦୨୫। ନୂଆବର୍ଷକୁ ଧୁମ୍‌ଧାମ୍‌ରେ ପାଳନ କରିବା ସହ ନିଜ ପ୍ରିୟଜନ ଓ ଆତ୍ମୀୟସ୍ୱଜନଙ୍କୁ ଫୁଲ ଦେଇ ଶୁଭେଚ୍ଛା ଜଣାଇବାକୁ ଚାହିଁବସିଛନ୍ତି କଟକବାସୀ। ଏଥିଲାଗି ଅନେକ ଲୋକ ଏବେଠୁ ଫୁଲ ଦୋକାନମୁହାଁ ହୋଇଥିବାବେଳେ ଅନ୍ୟ କେତେଜଣ ଆଗୁଆ ଅର୍ଡର ଦେଇସାରିଲେଣି। ଏପରିକି ସହରବାସୀଙ୍କ ଏହି ଉତ୍କଣ୍ଠାକୁ ନଜରରେ ରଖି ଫୁଲ ଦୋକାନୀମାନେ ଭଳି କି ଭଳି ଫୁଲର ପସରା ମେଲାଇଛନ୍ତି। ଫୁଲ ଗୋଟାକୁ ବେଙ୍ଗାଲୁରୁ ଗୋଲାପ ୩୦, କଲିକତା ଗୋଲାପ ୧୦, ଷ୍ଟାର ଫୁଲ ୨୦, ବତାସା ଫୁଲ ୩୦, ଧଳା ଗୋଲାପ ୪୦, ଗୋଲାପୀ ଗୋଲାପ ୪୦, ହଳଦିଆ ଗୋଲାପ ୪୦, ଜାରବେରା ୩୦, ଲିଲିୟମ ୧୦୦ ଏବଂ ଅର୍ଚ୍ଚିଡ୍ ୧୦୦ ଟଙ୍କା ରହିଛି। ସେହିପରି ଜିପ୍‌ସନ ଫୁଲ ବଣ୍ଡଲକୁ ୬୦୦, ବ୍ଲୁଡେଜି ବଣ୍ଡଲକୁ ୩୫୦, ସ୍ନୋବଲ ବଣ୍ଡଲକୁ ୧୦୦ ଏବଂ ଗଡିଆଲ ୧୦୦ ଟଙ୍କାରେ ବିକ୍ରି ହେଉଛି। ଏହି ସବୁ ଫୁଲ କୋଲକାତା, ବେଙ୍ଗାଲୁରୁ ଓ ପୁଣେ ଆଦି ଅଞ୍ଚଳରୁ ବ୍ୟବସାୟୀମାନେ ଆଣିଛନ୍ତି। ନୂଆବର୍ଷ ପାଇଁ ବୁକେ ନେବାକୁ ଲୋକେ ଆଗ୍ରହୀ ଥିବାବେଳେ ବୁକେ ଗୋଟାକୁ ୧୦୦ ଟଙ୍କାରୁ ଆରମ୍ଭ ହୋଇ ୫୦୦ ଟଙ୍କା ଯାଏ ରହିଛି। ସେହିପରି ଫୁଲ କୋନ ଦର ୧୦୦ ଓ ଫୁଲ ବଞ୍ଚ୍ ୨୦୦ ଟଙ୍କା ରହିଛି। ଗ୍ରାହକ ନିଜ ମୁତାବକ ଫୁଲ ଡିଜାଇନ କରି ନେଲେ ସେହି ଅନୁଯାୟୀ ଦାମ୍ ଦେବାକୁ ପଡ଼ିବ। ଫୁଲ କୋନ, ବୁକେ ଓ ବଞ୍ଚ୍ ତିଆରି ପାଇଁ ଡିଜାଇନ ଜରି, ରିବନ, ଗ୍ଲିଟର, ବଲ ଷ୍ଟିକ ଭଳି ଅନ୍ୟାନ୍ୟ ସାମଗ୍ରୀ ଆବଶ୍ୟକ ହୋଇଥାଏ। ନୂଆବର୍ଷ ପାଇଁ ଏବେସୁଦ୍ଧା ବ୍ୟବସାୟୀମାନଙ୍କୁ ୩୦୦ରୁ ଅଧିକ ଫୁଲ ବୁକେ ଅର୍ଡର ଆସିଥିବା ଜଣାପଡ଼ିଛି। ଏନେଇ ଜୟ ମା' କାଳୀ ପୁଷ୍ପ ଭଣ୍ଡାରର ବ୍ୟବସାୟୀ ଶୁକଦେବ ସାହୁ କହିଛନ୍ତି, ଫୁଲକୁ ସର୍ବଦା ଶୁଭ ମନାଯାଇଥାଏ। ନୂତନ ବର୍ଷ ପାଇଁ ଗ୍ରାହକଙ୍କ ପସନ୍ଦ ମୁତାବକ ଫୁଲ ଆଣିଛୁ। ତନ୍ମଧ୍ୟରେ ଅର୍ଚ୍ଚିଡ୍ ଓ ଲିଲିୟମ ଫୁଲର ଅଧିକ ଡିମାଣ୍ଡ ରହିଛି। ଅର୍ଡର ଭଲ ଆସିଛି ଏବଂ ବେପାର ଖୁବ୍ ଜମିବ ବୋଲି ଆଶା କରୁଛି। ସେହିପରି ଓଁ ମା' ବସୁମାତା ପୁଷ୍ପ ଭଣ୍ଡାରର ବ୍ୟବସାୟୀ ବସନ୍ତ ବେହେରା କହିଛନ୍ତି, ଦୁଇଦିନ ବେପାର ଜମିବ। ଏବେ କେବଳ ଅର୍ଡର ଆସିଛି। ଗ୍ରାହକଙ୍କ ପସନ୍ଦ ମୁତାବକ ଡିଜାଇନ ବୁକେ ବନାଇବୁ। ଦର ସୁହାଇଲା ଭଳି ରହିଛି। ତେଣୁ ଭଲ ଦୁଇପଇସା ରୋଜଗାର ହେବ ବୋଲି ଆଶା ବାନ୍ଧିଛି।

## ଫଟୋରେ ଖବର



ଫସଲହାନି ନେଇ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ଦରଦାମ୍ ନିୟନ୍ତ୍ରଣ ଓ ବିଦ୍ୟୁତ୍ ଶୁଳ୍କ ହ୍ରାସ ଦାବିରେ ଏସ୍‌ୟୁସିଆଇ(ସି) ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

(ଫଟୋ: ରାଜକିଶୋର ମହାନ୍ତି)


କଟକ ସହରରେ ଗୋମାତା ଚୋରି ଘଟଣାରେ ପୋଲିସର ନିଷ୍କ୍ରିୟତା ବିରୋଧରେ ଡିସିପି ଅଫିସ ସମ୍ମୁଖରେ ସୋମବାର ହିନ୍ଦୁସେନା, ବଜରଙ୍ଗ ଦଳ ଏବଂ କଟକ ଜିଲା ଜୀବେ ନିଷ୍ଠୁରତା ନିରୋଧ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

